

ମିଛ ସପକ୍ଷରେ : ତର୍କ ବିତର୍କ ଓ କିଛି ଏଣୁ ତେଣୁ

ଲେଖକ :
ଭୂପେନ୍ ମହାପାତ୍ର

Digitized by srujanika@gmail.com

ମିଛ ସପକ୍ଷରେ : ତର୍କ ବିତର୍କ

ଓ

କିଛି ଏଣୁ ତେଣୁ

ଲେଖକ :
ଭୂପେନ୍ ମହାପାତ୍ର

Digitized by srujanika@gmail.com

ମିଛ ସପକ୍ଷରେ : ତର୍କ ବିତର୍କ ଓ କିଛି ଏଣ୍ଡୁ ତେଣ୍ଡୁ

ଲେଖକ :
ଭୂପେନ୍ ମହାପାତ୍ର
'କଥାଘର', ଏଲ-୪୫
ଛେଣ୍ଡ କଲୋନୀ, ରାଉରକେଲା - ୧୫, ଓଡ଼ିଶା
ଫୋନ୍ : ୦୬୬୧-୨୪୮୦୩୮୦
ମୋ. ୯୪୩୭୬୪୯୯୮୦
e-mail : bhupenmohapatra@gmail.com

ପ୍ରକାଶକ :
ନିଜସ୍ୱ

ଡିଟିପି ଓ ଟାଇପ୍ ସେଟିଂ :
ସତୀଶ କୁମାର ଲେଙ୍କା (ଟିକନ)
ମୋ. : ୮୨୭୦୪୬୮୯୯୩
୯୪୩୭୪୧୩୪୬୫

ସହାୟକ ରାଶି : ୩୦ ଟଙ୍କା

Digitized by srujanika@gmail.com

ସୂଚୀ ପତ୍ର

କ୍ର.ସଂ.	ବିଷୟ	ଲେଖକ	ପୃଷ୍ଠା
୧.	ମିଛ ସପକ୍ଷରେ	ଭୂପେନ୍ ମହାପାତ୍ର	୬
୨.	'ମିଛ ସପକ୍ଷରେ' ସମ୍ପର୍କରେ	ଶ୍ରୀ ଶରତ ଚନ୍ଦ୍ର ମହାନ୍ତି	୧୧
୩,	ବିତର୍କ ଆବଶ୍ୟକ	ଗୌତମବୁଦ୍ଧ ଦାସ	୧୫
୪.	ସୂର୍ଯ୍ୟାସ୍ତକୁ ବି ସୂର୍ଯ୍ୟୋଦୟ କୁହାଯାଏ	ଭୂପେନ୍ ମହାପାତ୍ର	୧୯
୫.	'ଜନଗଣ ମନ' ସମ୍ପର୍କରେ	ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ	୨୩
୬.	ଜାତୀୟ ବିତର୍କ ଲୋଡ଼ା	ଅଭିନବ ରାୟ	୨୮
୭.	'ଜନଗଣ ମନ' ସମ୍ପର୍କରେ ତଥାପି	ମଧୁସୂଦନ ଦାସ	୩୧
୮.	ବିବାଦର ଊର୍ଦ୍ଧ୍ୱରେ ରବୀନ୍ଦ୍ରନାଥ ଓ ଜାତୀୟ ସଂଗୀତ	ବାଞ୍ଛାନିଧି ଦାସ	୩୪
୯.	ଶଙ୍କରାଚାର୍ଯ୍ୟ ବିବାଦ ବନାମ୍ ନାଗରିକ ଅଧିକାର	ଜାନକୀ ବଲ୍ଲଭ ପଟ୍ଟନାୟକ	୩୭
୧୦.	ଶଙ୍କରାଚାର୍ଯ୍ୟ ବିବାଦ ଓ ନାଗରିକ ଅଧିକାର	ଭୂପେନ୍ ମହାପାତ୍ର	୪୧
୧୧.	ଶିରୋନାସ୍ତି ଶିରପୀଡ଼ା	ଜାନକୀ ବଲ୍ଲଭ ପଟ୍ଟନାୟକ	୪୩
୧୨.	ଧର୍ମ ଓ କପଟାଚାର	ରମାକାନ୍ତ ମିଶ୍ର	୪୫
୧୩.	ଦଲାଇଲାମାଙ୍କ ଦୁଃଖ	ଭୂପେନ୍ ମହାପାତ୍ର	୪୭
୧୪.	ମନଗଢ଼ା ନୁହେଁ	ଭୂପେନ୍ ମହାପାତ୍ର	୫୦
୧୫.	ମଣିଷର ମୂଲ୍ୟ	ଭୂପେନ୍ ମହାପାତ୍ର	୫୨
୧୬.	ରାମବିଳାସଙ୍କ 'ବିଳାସ'	ଭୂପେନ୍ ମହାପାତ୍ର	୫୪

Digitized by srujanika@gmail.com

ମୁଖବନ୍ଧ

ମୋର କିଛି ଲେଖା ବିକ୍ଷିପ୍ତ ଭାବେ ବିଭିନ୍ନ ପତ୍ର ପତ୍ରିକାରେ (ଗଣମାଧ୍ୟମ) ପ୍ରକାଶ ପାଇଥିଲା । ସେ ସବୁ ବେଶ ବିଷୟକେନ୍ଦ୍ରିକ । ଯୋଉ ସମୟରେ ବିଷୟ ଚର୍ଚ୍ଚାକୁ ଆସିଛି ମୁଁ ତାକୁ ଆଡ଼େଇ ଯାଇ ପାରିନାହିଁ । ଚର୍ଚ୍ଚାକୁ ଲମ୍ଫ ପ୍ରଦାନ କରିବା ମୋର ଅଭ୍ୟାସ । ଏହାହିଁ ତ ଜଣେ ସମାଜ ସଚେତନ ଲେଖକର ଚରିତ୍ର । ଲେଖକଟି ମଣିଷ ଓ ସେ ସବୁବେଳେ ସମାଜ ସହିତ, ସମାଜର ଆତଯାତରେ ଗୁନ୍ଧି ହେଉଥିବା ମଣିଷ ସହିତ ନିଜକୁ ସଜାଡ଼ି ରଖିଥାଏ । ମୁଁ ସେଥିରୁ ନିଜକୁ କେବେ ବି ଅଲଗା କରି ପାରିନାହିଁ । ମୋର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ କବିତା ଇତ୍ୟାଦି (ଯେତେ ସଂକ୍ଷିପ୍ତ ପରିସର ମଧ୍ୟରେ ଥିଲେ ମଧ୍ୟ) ଏଇ ମଣିଷକୁ କେନ୍ଦ୍ର କରି ଗଢ଼ି ଉଠିଛି । ସାଧାରଣ ମଣିଷର ସମସ୍ୟା ତ ଲେଖକର ସମସ୍ୟା । ତାକୁ କଳାତ୍ମକ ରୂପରେ ପାଠକ ସାମନାରେ ଥୋଇବା ହିଁ ଲେଖକର ପବିତ୍ର କର୍ତ୍ତବ୍ୟ ।

ଗଳ୍ପ, ଉପନ୍ୟାସ ବ୍ୟତୀତ ଅନେକ ସମୟରେ ଆହୁରି ଅନେକ କଥା ମୋତେ ଆନ୍ଦୋଳିତ କରିଛି । ମୁଁ ତାକୁ ନିଜ ଭିତରେ ଚାପି ରଖି ପାରିନାହିଁ । ଏକଦା ସମ୍ବାଦପତ୍ର ମାନଙ୍କରେ ସ୍ତମ୍ଭ ମୁଁ ନିୟମିତ ଲେଖୁଥିଲି । ସାଂପ୍ରତିକ ସମସ୍ୟା ତାହା ରାଜନୈତିକ ହେଉ ବା ଆଧ୍ୟାତ୍ମବାଦ ହେଉ, ବିଜ୍ଞାନ ହେଉ ବା ଅନ୍ଧ ବିଶ୍ୱାସ ହେଉ ଏବଂ ଦେଶ ହେଉ ବା ବିଦେଶ ହେଉ, ଯାହା ମୁଁ ଉଚିତ୍ ମନେ କରିଚି ତାକୁ ନିର୍ଭୟରେ ପ୍ରକାଶ କରିଚି । ସେଠି ଦେଶ କାଳ ପାତ୍ରକୁ ମଧ୍ୟ ନଜର ଦେଇ ନାହିଁ । ସାହିତ୍ୟରେ ଭୟର ଚିହ୍ନ ନଥାଏ । ମୋର କଲମଟା ସେତେବେଳେ ଖଣ୍ଡାର ରୂପ ନେଇ ଥାଏ ।

ବେଳେବେଳେ ଏମିତି ହୁଏ, ଯାହା ମୁଁ ସାହିତ୍ୟରେ କି ସ୍ତମ୍ଭରେ ପ୍ରକାଶ କରି ନ ପାରେ, ବା ସେ ସୁବିଧାଟା ନ ଥାଏ ସେତେବେଳେ 'ସମ୍ପାଦକଙ୍କୁ ଚିଠି' ରେ ମୁଁ ମୋର ମତ ଉପସ୍ଥାପିତ କରିଥାଏଁ । ପରିସର ଯେତେ କ୍ଷୁଦ୍ର ହେଲେ ମଧ୍ୟ ସେ ପ୍ରକାର ମତଟି ପ୍ରକାଶ ପାଇଲା ମାତ୍ରେ ମୋ ପାଖକୁ ଚିଠିର ସୁଅ ଛୁଟେ । ସେ ସବୁ ଚିଠି ଏବେବି ଲେମିନେଟେଡ୍ ହେଇ ଫଟୋ ଆଲବମ୍ ପରି ମୋ ପାଖରେ ଗଚ୍ଛିତ ଅଛି । ତାର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଏବେ ବନ୍ଧୁ ଅଧ୍ୟାପକ ବିଶ୍ୱ ରଞ୍ଜନ ଚିଠି ନାମରେ ପତ୍ରିକାଟିଏ ପ୍ରକାଶ କରୁଛନ୍ତି । ତାର ପାଠକୀୟତା ଯଥେଷ୍ଟ ବେଶୀ । ଇଂରାଜୀ ସାହିତ୍ୟରେ ମହାନ୍ ବ୍ୟକ୍ତିଙ୍କର ପୁରୁଣା ଚିଠିର ମୂଲ୍ୟ ଅନେକ । ସେ ସଂସ୍କୃତି ଭାରତରେ ମଧ୍ୟ ଅଛି । ରବୀନ୍ଦ୍ରନାଥ,

Digitized by srujanika@gmail.com

ନେହେରୁ, ଗାନ୍ଧୀଙ୍କ ଚିଠି ଏବେ ଦୁର୍ମୂଲ୍ୟ । ମୋତେ ମିଳିଥିବା ଚିଠି ଗୁଡ଼ିକର ସାହିତ୍ୟିକ ମୂଲ୍ୟକୁ ଆଡ଼େଇ ଦେଇ ହେବ ନାହିଁ ।

ମୋର ଏ କ୍ଷୁଦ୍ର ପୁସ୍ତିକାଟିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିହେବ । ପ୍ରଥମତଃ ସାହିତ୍ୟିକ ପୁରସ୍କାରକୁ ନେଇ ଏକଦା ଗଢ଼ି ଉଠିଥିବା ତର୍କ ବିତର୍କ ମୋତେ ମଧ୍ୟ ତା ଭିତରକୁ ଟାଣି ନେଇଥିଲା । ମୁଁ ସେତେବେଳେ ଆସାମରେ ଥିଲେ ମଧ୍ୟ ଓଡ଼ିଶାର ପତ୍ର ପତ୍ରିକା ସହିତ ମୋର ସମ୍ପର୍କ ବରାବର ଥାଏ । ସମ୍ବାଦରେ ମୋର ପ୍ରଥମ ଲେଖାଟି ପ୍ରକାଶ ପାଏ (ମିଛ ସପକ୍ଷରେ) ୨୦ ନଭେମ୍ବର ୧୯୯୨ ରେ । ଏଇଠୁ ବିତର୍କଟିଏ ସୃଷ୍ଟି ହେଲା । ଓଡ଼ିଶାର ବହୁ ବିଜ୍ଞ ଜ୍ଞାନୀ ଗୁଣୀ ତା ଭିତରକୁ ଆସିଲେ । ତା ଭିତରେ ଥିବା "ଅଭିନବ ରାୟ" ଟି ମଧ୍ୟ ମୁଁ । ମୁଁ ଏଇ ନାଁରେ ମଧ୍ୟ ବହୁବାର ଲେଖିଚି । ଏଇ ଅବସରରେ ମୁଁ ସମସ୍ତଙ୍କୁ ମୋର କୃତଜ୍ଞତା ଜଣାଉଛି । ବିଶ୍ୱକବିଙ୍କ ବିଷୟରେ ମୁଁ ଯାହା ସବୁ ଲେଖିଛି ସେ ସବୁ କେବଳ ଲେଖକୀୟ ଆବଶ୍ୟକତା ଦୃଷ୍ଟିରୁ । ମୋର ମନେ ଅଛି ସେତେବେଳେ ବିଶିଷ୍ଟ ଲେଖକ ଗୌରହରି ଦାସ ସେ ସବୁ ପଢ଼ି ମୋତେ କହିଥିଲେ ଆପଣ Justify କଲେ । ଏଥିରେ Justify କରିବାର କିଛି ନାହିଁ । ରବୀନ୍ଦ୍ରନାଥ ଥିଲେ ନାମକରା ଜମିଦାର । ସେତେବେଳେ ରାଜା ଜମିଦାରମାନଙ୍କ ଠାରେ ପାଶ୍ଚାତ୍ୟ ପ୍ରୀତି ଥିଲା ଢେର ବେଶୀ । ରବୀନ୍ଦ୍ରନାଥ ଏକଥା ଅନେକ ଜାଗାରେ ଲେଖିଛନ୍ତି । ମୁଁ ତାକୁ ଉଦ୍ଧାର କରିଛି ମାତ୍ର । ଜାତୀୟ ସଂଗୀତ ଉପରେ ଆଲୋଚନା କେବଳ ମୁଁ କରି ନାହିଁ । ଭାରତର ଅନେକ ପଣ୍ଡିତ ତାଙ୍କ ମତାମତ ଦେଇଛନ୍ତି ।

ଆଲୋଚନାଟି ଆରମ୍ଭ ହୋଇଥିଲା ପୁରସ୍କାରରୁ । କିନ୍ତୁ ତାହା ଲମ୍ବିଗଲା ମହାନ୍ କବି ରବୀନ୍ଦ୍ରନାଥଙ୍କ ଆଡ଼କୁ । ଏ ସବୁ ଅନୈଚ୍ଛିକ । ଠିକ୍ ସେମିତି ଦ୍ୱିତୀୟ ଭାଗରେ ଆଲୋଚନା ଆରମ୍ଭ ହେଇଥିଲା ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ । କିନ୍ତୁ ଲମ୍ବିଗଲା ଅନ୍ୟ ଆଡ଼େ । ସବୁବେଳେ ତର୍କ ବିତର୍କର ଗତି ଓ ଧାରା ଏମିତି ବଦଳିଥାଏ । ହେବା ଉଚିତ୍ ମଧ୍ୟ । ଏଥିରେ ବିଷୟର ଭିନ୍ନ ଭିନ୍ନ ଦିଗ ଉନ୍ମୋଚିତ ହୋଇଥାଏ ଯାହା ପର ପିଢ଼ିକୁ ସାହାଯ୍ୟ କରେ । ସେତେବେଳେ ପୁଣି ନୂଆ ଦିଗଟିଏ ଆସିଯାଏ । ଏ ପ୍ରସଙ୍ଗରେ ଆସିଥିବା ବ୍ୟକ୍ତିତ୍ୱମାନଙ୍କୁ ମୋର କୃତଜ୍ଞତା । ଏଥିରେ ଥିବା ରାମ ବିଳାସଙ୍କ ଉପରେ ଲେଖାଟି ସମ୍ପୂର୍ଣ୍ଣ ଭିନ୍ନ ହେଲେ ମଧ୍ୟ ଏବର ରାଜନୀତି କିପରି ଆମ ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରୁଚି ତା'ର ଗୋଟିଏ କ୍ଷୁଦ୍ର ନମୁନା ମାତ୍ର ।

ଭୂପେନ୍ ମହାପାତ୍ର

Digitized by srujanika@gmail.com

ମିଛ ସପକ୍ଷରେ

ଭୂପେନ୍ ମହାପାତ୍ର

ପଞ୍ଜାବର ବିଶିଷ୍ଟ କବି ହରିନ୍ଦର ସିଂ ମେହେବୁବଙ୍କୁ ତାଙ୍କ ଲିଖିତ "ଝନନ୍ ଦି ରାତ" କବିତା ପୁସ୍ତକ ପାଇଁ ୧୯୯୧ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଲା ପରେ ସାରା ଦେଶରେ ଗୋଟିଏ ହୈ ଚୈ ସୃଷ୍ଟି ହେଇଚି । ଏପରି ଅବସ୍ଥା ସୃଷ୍ଟି ହେଇଚି ଯେ ଶେଷରେ ଦେଶର ସମସ୍ତ କବି ଓ ଲେଖକକୂଳ ଦୁଇ ଭାଗରେ ବିଭକ୍ତ ହେଇ ଯାଇଚନ୍ତି । ଦଳେ କହୁଚନ୍ତି ପୁରସ୍କାର ଅନ୍ୟାୟ ଭାବରେ ଦିଆଯାଇଛି । ତେଣୁ ଏକାଡେମୀକୁ ଭାଙ୍ଗି ନୂଆ କରି ଗଢ଼ାଯାଉ । ସେମାନେ ଏଥିପାଇଁ ଏକାଡେମୀର ସଭାପତି ତଥା ଆସାମର ବିଶିଷ୍ଟ ସାହିତ୍ୟିକ ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟଙ୍କୁ ଦାୟୀ କରୁଛନ୍ତି । କାରଣ ସେ ବହିରେ କୁଆଡ଼େ ଇନ୍ଦିରା ଗାନ୍ଧୀଙ୍କୁ ସମାଲୋଚନା କରାଯାଇଚି ଏବଂ ତାଙ୍କ ହତ୍ୟାକାରୀଙ୍କୁ ପ୍ରଶଂସା କରାଯାଇଛି । ଅନ୍ୟ ଦଳେ କହୁଛନ୍ତି ଏଥିରେ ମୋଟେ ବେଆଇନ୍ କାମ କିଛି ନାହିଁ । ଯାହା ଅଛି ଠିକ୍ ଅଛି ।

କବି ହରିନ୍ଦର ସିଂଙ୍କୁ ପଚାରିବାରୁ ସେ କହିଲେ ମୁଁ ମୋଟେ କିଛି ଭୁଲ ଲେଖିନି । ଅବଶ୍ୟ ଏଇଟା ସତ କଥା ଯେ ୧୯୮୪ ରେ ଅମୃତସର ସ୍ୱର୍ଣ୍ଣମନ୍ଦିରରେ ଘଟିଥିବା ଘଟଣା ପରେ ରଚିତ ଅନେକ ଗୁଡ଼ିଏ କବିତା ଏଥିରେ ସ୍ଥାନ ପାଇଚି । ସେ କହନ୍ତି - ସାହିତ୍ୟ ସତ୍ୟାଶ୍ରୟୀ, ଯାହା ସତ ତାହାହିଁ ଏଥିରେ ଲେଖା ଯାଇଚି । ତେଣୁ ଭୁଲ କୋଉଠି ରହିଲା ?

ତେବେ ଏଇ ଦୁଇ ଗୋଷ୍ଠୀ ବ୍ୟତୀତ ଆଉ ଦଳେ ମଧ୍ୟ ଅଛନ୍ତି । ସେମାନେ କହୁଚନ୍ତି ଉପରୋକ୍ତ ଦୁଇଟି ମତ ଠିକ୍ । ଅର୍ଥାତ୍ ଅନୁଚିତ୍ ଭାବେ ପୁରସ୍କାର ଦେବା ଠିକ୍ ଏବଂ ପ୍ରଚଳିତ ନୀତି ନିୟମର ଖିଲାପ କରାଯାଇ ନଥିବା କଥା ମଧ୍ୟ ଠିକ୍ ।

ସେମାନେ କହନ୍ତି ପୁରସ୍କାର ବା ଆୱାର୍ଡ କେତେବେଳେ ହେଲେ ପ୍ରକୃତ କାମ ଉପରେ ଦିଆଯାଏ ନାହିଁ । ଏହା ସବୁବେଳେ ସ୍ତାବକତା ଉପରେ ନିର୍ଭର କରେ କିମ୍ବା ରାଜକୀୟ ନିଷ୍ପତ୍ତି ଉପରେ ନିର୍ଭର କରେ । ଯୁଗେ ଯୁଗେ ସାହିତ୍ୟିକ ସମ୍ମାନ ବା

Digitized by srujanika@gmail.com

ସ୍ୱୀକୃତି ଦୁଇଟି ଧାରା ଉପରେ ନିର୍ଭର କରି ଆସୁଚି । ରାଜା ରାଜୁଡ଼ା ଯୁଗରେ ଯୋଉ ନୀତି ଅନୁସୃତ ହେଉଥିଲା ଏବେ ମଧ୍ୟ ସେଇ ନୀତି । ଖୁବ୍ କ୍ୱଚିତ୍ ପ୍ରକୃତ ସାହିତ୍ୟିକ ପ୍ରତିଭା ଉପରେ ଆୱାର୍ଡ ଦିଆଯାଏ ।

ଏ ପ୍ରକାର ଅନୈତିକ ନୀତି ଯେ ଖାଲି ଭାରତରେ ଅନୁସୃତ ହୁଏ ତା ନୁହେଁ ନୋବେଲ୍ ପୁରସ୍କାର କମିଟି ମଧ୍ୟ ଏ ଦୋଷରୁ ମୁକ୍ତ ନୁହେଁ । ଯଦି ନୋବେଲ ପୁରସ୍କାର ଆରମ୍ଭରୁ ତାର ଇତିହାସକୁ ଭଲ ଭାବରେ ଆଲୋଚନା କରାଯାଏ ତେବେ କେତେ ସାହିତ୍ୟିକ ଯେ ଏମିତି ପ୍ରକୃତ ସାହିତ୍ୟିକ ପ୍ରତିଭା ନ ଥାଇ ପୁରସ୍କାର ପାଇଚନ୍ତି ତାହା ଜଣା ପଡ଼ିବ । ନୋବେଲ୍ ପୁରସ୍କାରକୁ ଏଥିପାଇଁ ଅନେକେ ଏକ ରାଜନୈତିକ ପୁରସ୍କାର ବୋଲି କହିଥାନ୍ତି ।

ଠିକ୍ ଏଇଥିପାଇଁ ୧୯୬୪ ରେ ସାର୍ତେ ପ୍ରଥମେ ଏ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଖୋଲା ଖୋଲି ଭାବେ ଘୋଷଣା କରିଥିଲେ ଯେ ନୋବେଲ ପୁରସ୍କାର କମିଟି ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ରଖି ଏ ପୁରସ୍କାର ଘୋଷଣା କରୁଛନ୍ତି ।

ତାଙ୍କ ମତରେ ଏ କଥା ଜଣାଶୁଣା ଯେ ୧୯୦୨ ରୁ ୧୯୮୩ ପର୍ଯ୍ୟନ୍ତ ବହୁ ପାଶ୍ଚାତ୍ୟ ସାହିତ୍ୟିକ ସେମାନଙ୍କ ବିଶ୍ୱ ସାହିତ୍ୟକୁ ଯଥେଷ୍ଟ ଦାନ ନଥାଇ ମଧ୍ୟ ନୋବେଲ ପୁରସ୍କାର ପାଇଛନ୍ତି । ଏପିରିକି ଭାରତରେ ମଧ୍ୟ ପ୍ରେମଚନ୍ଦ, ମଣ୍ଟୋ, କାଜୀ ନଜରୁଲ୍ ଇସ୍‌ଲାମ ଓ ଶରତଚନ୍ଦ୍ର ପ୍ରଭୃତି ବହୁ ଖ୍ୟାତନାମା କବି ଓ ଲେଖକ ଥିଲାବେଳେ ରବୀନ୍ଦ୍ରନାଥଙ୍କୁ ଏ ପୁରସ୍କାର ଦିଆଯାଇଛି ବୋଲି କୁହାଯାଏ ।

ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ଆଜିଯାଏ କୌଣସି ଚୈନିକ ଲେଖକ ଏ ପୁରସ୍କାର ପାଇ ନାହାନ୍ତି । ଠିକ୍ ଯେମିତି ଅଭିଯୋଗ ହେଇଥିଲା ଯେ ଜାପାନ୍‌ର କାୱାବାତାଙ୍କ ଅପେକ୍ଷା ମିସ୍‌କିମା (Miskima) ବହୁ ଉନ୍ନତ ସ୍ତରର ଲେଖିକା ହୋଇଥିଲେ ମଧ୍ୟ ନୋବେଲ୍ ପୁରସ୍କାର ପାଇ ନାହାନ୍ତି । ତା'ଛଡ଼ା ସାହିତ୍ୟ କ୍ଷେତ୍ରରେ ସେମାନଙ୍କର ଦାନ ନଥାଇ ବା କେତେବେଳେ କେତେବେଳେ ସାମାନ୍ୟ ଦାନ ଥାଇ ନୋବେଲ୍ ପୁରସ୍କାର ମଧ୍ୟ ପାଇଛନ୍ତି । ସେମାନେ ହେଲେ ବ୍ରିଟିଶ୍ ଦାର୍ଶନିକ ବାର୍ଟ୍ରାଣ୍ଡ ରସେଲ୍ (୧୯୫୦) ପ୍ରଧାନ ମନ୍ତ୍ରୀ ଚର୍ଚ୍ଚିଲ (୧୯୫୩) ଏଫଂ ଫ୍ରାନ୍‌ସର ଦାର୍ଶନିକ ବାର୍ଗସନ (୧୯୨୭) ।

Digitized by srujanika@gmail.com

ନିଛକ ରାଜନୈତିକ କାରଣରୁ କେତେକ ନୋବେଲ୍ ପୁରସ୍କାର ମିଳିଥିବା କଥା ମଧ୍ୟ ଜଣାଶୁଣା କଥା । ସେମାନଙ୍କ ଭିତରୁ ଋଷୀୟ ଲେଖକ ସୁଲୋକଭ (୧୯୫୬) ଏବଂ ଚେକୋସ୍ଲୋଭାକିଆର ଲେଖକ ଜାରୋସଲଭ (୧୯୮୪) ପ୍ରଧାନ । ସେମାନେ ତାଙ୍କ ନିଜ ଦେଶରୁ ପଳାୟନ କରି ଆମେରିକାରେ ଆଶ୍ରୟ ନେଲାପରେ ଏବଂ ନିଜ ଦେଶ ବିରୁଦ୍ଧରେ ପ୍ରଚାର କରିବା ପରେ ସେମାନଙ୍କୁ ନୋବେଲ୍ ପୁରସ୍କାର ମିଳିଥିଲା । ଏଇଟା ଗୋଟାଏ ସମୟ ଯେତେବେଳେ କେତେକ ପାଶ୍ଚାତ୍ୟ ଦେଶ ଖୋଲାଖୋଲି ଭାବରେ ସମାଜବାଦୀ ରାଷ୍ଟ୍ରମାନଙ୍କରୁ କବି, ସାହିତ୍ୟିକ, ବୈଜ୍ଞାନିକ ଏବଂ ବୁଦ୍ଧିଜୀବୀ ମାନଙ୍କୁ ଦେଶଛାଡ଼ି ପଳାୟନ କରିବାକୁ ପ୍ରବର୍ତ୍ତାଇଥିଲେ । ସୁଇଡିସ୍ ଏକାଡେମୀ ବରାବର କମ୍ୟୁନିଷ୍ଟ ବିରୋଧୀ ମତବାଦ ଏବଂ ସାହିତ୍ୟକୁ ଉତ୍ସାହିତ କରିଥାଏ, ଏକଥା ଜଣାଶୁଣା । ଏହି ଉଦ୍ଦେଶ୍ୟରେ ନୋବେଲ ଶାନ୍ତି ପୁରସ୍କାର ଋଷର ଆନ୍ଦ୍ରେଇ ସାଗାରୋଭ (୧୯୭୫) ଏବଂ ପୋଲାଣ୍ଡର ୱ୍ଲେସାଙ୍କୁ (୧୯୮୩) ଦିଆ ଯାଇଥିଲା । ଏମାନେ ତତ୍‌କାଳୀନ କମ୍ୟୁନିଷ୍ଟ ସରକାର ବିରୁଦ୍ଧରେ ପ୍ରଚାର କରିଥିଲେ । କେହି କେହି ଏକଥା ମଧ୍ୟ କୁହନ୍ତି ଯେ ନୋବେଲ୍ କମିଟି ସାମ୍ରାଜ୍ୟବାଦୀ ରାଷ୍ଟ୍ର ଗୋଷ୍ଠୀର କ୍ରୀଡ଼ନକ ହୋଇ ସମାଜବାଦୀ ରାଷ୍ଟ୍ରର ପତନ ପାଇଁ ରାସ୍ତା ତିଆରି କରେ ଏବଂ କରୁଚି ମଧ୍ୟ ।

ଠିକ୍ ଏଇ କାରଣରୁ ପୃଥିବୀର ଅନ୍ୟତମ ବିଶିଷ୍ଟ ଲେଖକ ଗ୍ରାହାମ୍ ଗ୍ରୀନ୍ ନୋବେଲ୍ ପୁରସ୍କାର ପାଇ ପାରି ନଥିଲେ । ଏହା ନୋବେଲ୍ ପୁରସ୍କାର କମିଟିର ନଗ୍ନ ଅବିଚାରର ଏକ ଜ୍ୱଳନ୍ତ ନମୁନା । ଏହି ଯଶସ୍ୱୀ ଲେଖକଙ୍କର ମୃତ୍ୟୁ ଘଟିଛି ଗତବର୍ଷ ଏପ୍ରିଲ ୩ ତାରିଖରେ । ପ୍ରାୟ ପଚାଶଟି ଉପନ୍ୟାସ ଏବଂ ଅସଂଖ୍ୟ ଗଳ୍ପ କବିତା ପ୍ରବନ୍ଧର ସୃଷ୍ଟିକର୍ତ୍ତା ଗ୍ରାହାମ୍ ଗ୍ରୀନ୍‌ଙ୍କ ସାହିତ୍ୟ ଏ ଯାଏ ମୋଟ ୨୬ଟି ଭାଷାରେ ଅନୁଦିତ ହୋଇ ସାରିଚି । ତାଙ୍କୁ ନୋବେଲ୍ ପୁରସ୍କାର ଦେବା ପାଇଁ ବହୁ ଦେଶରୁ ବହୁବାର ତାଙ୍କ ନାମ ପ୍ରସ୍ତାବିତ ହୋଇଥିଲେ ମଧ୍ୟ ସୁଇଡିସ୍ ଏକାଡେମୀ ତାହା ଗ୍ରହଣ କରି ନାହାନ୍ତି ।

ଗ୍ରୀନଙ୍କ ଅପରାଧ ଥିଲା ଦୁଇଟି, ସେ ଥିଲେ ସାମ୍ରାଜ୍ୟବାଦ ବିରୋଧୀ କବି, ଯଦିଓ ସେ କେବେ ନିଜକୁ କମ୍ୟୁନିଜମ୍‌ର ସମର୍ଥକ ବୋଲି ଅଭିହିତ କରି ନାହାନ୍ତି । (ଅବଶ୍ୟ କେତେକ, ଗ୍ରୀନ୍ କିଛିଦିନ ପାଇଁ ଲଣ୍ଡନ୍‌ରେ ଥିଲାବେଳେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ଥିଲେ ବୋଲି କହନ୍ତି) ତେବେ ଗ୍ରୀନ୍ ଯେ ମୁଖ୍ୟତଃ ଆମେରିକା ବିରୋଧୀ ଓ

Digitized by srujanika@gmail.com

କଣ୍ଣ ତାଙ୍କର "ଦି କ୍ୱାଏଟ୍ ଆମେରିକାନ୍" "ଆଓ୍ୱାର ମେନ୍ ଇନ୍ ହାଭାନା" ଉପନ୍ୟାସରୁ ଜଣାପଡ଼େ ।

ଗ୍ରୀନ୍‌ଙ୍କୁ ନୋବେଲ ପୁରସ୍କାର ନ ଦେବା ପଛରେ ଆଉ ଏକ ବ୍ୟକ୍ତିଗତ କାରଣ ମଧ୍ୟ ଥିଲା, ସେ କାରଣର କେନ୍ଦ୍ରବିନ୍ଦୁ ହେଉଛନ୍ତି ଜଣେ ସୁଇଡିସ୍ ମହିଳା । ଏହି ଅପୂର୍ବ ସୁନ୍ଦରୀ ମହିଳାଙ୍କୁ ଗ୍ରୀନ୍ ଏବଂ ସୁଇଡିସ୍ ନୋବେଲ କମିଟିର ଜଣେ ସଦସ୍ୟ ଏକ ସଙ୍ଗେ ଭଲ ପାଉଥିଲେ । ପରବର୍ତ୍ତୀ କାଳରେ ମହିଳା ଜଣକ କୁଆଡ଼େ ଗ୍ରୀନ୍‌ଙ୍କୁ ଏକାନ୍ତ ଭାବେ ଭଲ ପାଇ ବସିଲେ । ଫଳରେ ନୋବେଲ୍ କମିଟିର ସଦସ୍ୟ ଜଣକ କୁଆଡ଼େ ପ୍ରତିଜ୍ଞା କରି ବସିଲେ ଯେ ସେ କମିଟିରେ ଥିବା ଯାଏଁ ଗ୍ରୀନ୍‌ଙ୍କୁ ନୋବେଲ ପୁରସ୍କାର ମିଳିବନି ।

ଗ୍ରାହାମ୍ ଗ୍ରୀନ୍‌ଙ୍କ ତୁଳନାରେ ମେକ୍‌ସିକୋର ଲେଖକ ଅକ୍ଟାଭିଓ ପାଜ୍ କିଛି ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ପାଜ୍ ୧୯୯୦ ରେ ନୋବେଲ୍ ସାହିତ୍ୟ ପୁରସ୍କାର ପାଇ ସାରିଛନ୍ତି । ପାଜ୍ ଆରମ୍ଭରେ ଜଣେ ପ୍ରଗତିଶୀଳ ଲେଖକ ହିସାବରେ ଜଣା ଯାଉଥିଲେ ମଧ୍ୟ ପରବର୍ତ୍ତୀ କାଳରେ ସେ ତାଙ୍କର ମତ ପରିବର୍ତ୍ତନ କରିଥିଲେ ।

ଆମେ ଏବେ ଭାରତକୁ ଆସିବା । ଭାରତର ସମସ୍ତ ଶିକ୍ଷା, ଶାସନ, ସଭ୍ୟତା ସେଇ ପଶ୍ଚିମ ଆଡୁ ମାଡ଼ି ଆସିଚି । ଆଓ୍ୱାର୍ଡ ପଛରେ ଯେ ଜାଲିଆତି କରିହୁଏ ଏ କଥା ମଧ୍ୟ ଆମେ ସେଇଠୁ ଶିଖିଛୁ । ତେଣୁ 'ଝନନ୍ ଦି ରାତ୍' ପଛରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିବା ଗୋଟିଏ ରାଜ୍ୟକୁ ଆଓ୍ୱାର୍ଡଟିଏ ଦେଇ ସେଠାକାର କବି, ଭାବୁକ ଓ ବୁଦ୍ଧିଜୀବୀମାନଙ୍କ ଭିତରେ କ୍ଷଣକ ପାଇଁ ମଧ୍ୟ ଗୋଟିଏ ହଲଚଲ୍ ସୃଷ୍ଟି କରେଇ ସେଠି ଶାନ୍ତି ଫେରେଇ ଆଣିବାକୁ ଚେଷ୍ଟା କରିବା ଭଳି ଗୋଟିଏ ଉଦ୍ଦେଶ୍ୟ ଯେ ନ ଥିବ ସେପରି ଏକ ସମ୍ଭାବନାକୁ ମୋଟାମୋଟି ଏଡ଼େଇ ଦିଆଯାଇ ନପାରେ ।

ଅବଶ୍ୟ ଏ ପ୍ରକାର ପୁସ୍ତକ ନିର୍ବାଚନ ଭୁଲ ହୋଇଛି ବୋଲି ସାହିତ୍ୟ ଏକାଡେମୀର ସଭାପତି ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ ଏବେ ସ୍ୱୀକାର କଲେଣି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏ ପ୍ରକାର ଭୁଲ ଯେମିତି ଭବିଷ୍ୟତରେ ନ ହୁଏ ସେଥିପାଇଁ ଏକାଡେମୀ ଗୋଟିଏ କମିଟି ବସେଇଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ବିରୁଦ୍ଧରେ ଏ ଅଭିଯୋଗ ନୂଆ ନୁହେଁ । ପ୍ରିୟାପ୍ରୀତି, ପକ୍ଷପାତିତା ଏବଂ ଅନୁଗ୍ରହର ଅଭିଯୋଗ ଅନେକ ଦିନୁ

Digitized by srujanika@gmail.com

ହୋଇ ଆସୁଚି । ଏହି ଅଭିଯୋଗରେ ଏକାଡେମୀ ଆୱାର୍ଡକୁ ଯେଉଁମାନେ ପ୍ରତ୍ୟାଖ୍ୟାନ କରିଛନ୍ତି ସେମାନଙ୍କ ଭିତରୁ ମରାଠି ଲେଖକ ଜି.ଏ. କୁଲକର୍ଣ୍ଣୀ (୧୯୭୩), ତେଲଗୁ ଲେଖକ ଭି. ଏ. ନାରଲା (୧୯୮୧), ଗୁଜରାଟ ଲେଖକ ସୁରେଶ ଯୋଶୀ (୧୯୮୩) ଏବଂ ବିଶିଷ୍ଟ ଓଡ଼ିଆ ଲେଖକ ଜେ. ପି. ଦାସ (୧୯୯୧) ପ୍ରଧାନ ।

ଓଡ଼ିଶା କଥା ଏଠି ନ କହିବା ଭଲ । ଓଡ଼ିଶାର ସାହିତ୍ୟ ଏକାଡେମୀ ଯେ ଏ ପ୍ରକାର ଅଭିଯୋଗରୁ ସମ୍ପୂର୍ଣ୍ଣ ମୁକ୍ତ ତା ନୁହେଁ ବରଂ ସେମାନେ ଆହୁରି ପାଦେ ତଳକୁ ଓହ୍ଲେଇ ଆସିଛନ୍ତି । ସଚ୍ଚି ରାଉତରାୟଙ୍କ ପରି ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କବି ମଧ ଏ ଯାଏ ଓଡ଼ିଆ ସାହିତ୍ୟ ଏକାଡେମୀରୁ ପୁରସ୍କାର ପାଇ ନାହାନ୍ତି ।

ତା'ଛଡ଼ା ଏବେ ବର୍ଷିୟାନ କବି ଓ ଲେଖକମାନଙ୍କୁ ସମ୍ମାନିତ କଲାବେଳେ ଯୋଉ ନୀତି ଅନୁସରଣ କରାଯାଉଚି ସେଥିରେ ମଧ ପକ୍ଷପାତିତା ହେଉଚି ବୋଲି କୁହାଯାଉଚି । ଆମେ ଜାଣିନୁ ଆମ ଜାତି କେତେଦିନ ଏ କଳଙ୍କର ବୋଝ ବହନ କରି ଚାଲିବ ।

* (ସମ୍ବାଦ - ନଭେମ୍ବର ୨୦, ୧୯୯୨)

Digitized by srujanika@gmail.com

'ମିଛ ସପକ୍ଷରେ' ସମ୍ପର୍କରେ

ଶ୍ରୀ ଶରତ ଚନ୍ଦ୍ର ମହାନ୍ତି

ଶ୍ରୀ ଭୂପେନ୍ ମହାପାତ୍ରଙ୍କ 'ମିଛ ସପକ୍ଷରେ' ଆଲୋଚନାଟି ନଭେମ୍ବର କୋଡ଼ିଏ ତାରିଖ ସମ୍ବାଦରୁ ପଢ଼ିଲି । ଏ ଲେଖାରେ ଥିବା ଦୁଇଟି ମନ୍ତବ୍ୟକୁ ସହ୍ୟ କରିବା କଷ୍ଟକର ହେଲା । ପ୍ରଥମଟି ରବୀନ୍ଦ୍ରନାଥଙ୍କ ସମ୍ପର୍କରେ । ଲେଖକ କହିଛନ୍ତି, "... ବହୁ ପାଶ୍ଚାତ୍ୟ ସାହିତ୍ୟିକ ସେମାନଙ୍କର ବିଶ୍ୱସାହିତ୍ୟକୁ ଯଥେଷ୍ଟ ଅବଦାନ ନ ଥାଇ ମଧ୍ୟ ନୋବେଲ ପୁରସ୍କାର ପାଇଛନ୍ତି । ଏପରିକି ଭାରତରେ ମଧ୍ୟ ପ୍ରେମଚାନ୍ଦ, ମଣ୍ଟୋ, କାଜିନ୍‌ଜରୁଲ ଇସ୍‌ଲାମ୍ ଓ ଶରତଚନ୍ଦ୍ର ପ୍ରଭୃତି ବହୁ ଖ୍ୟାତନାମା କବି ଓ ଲେଖକ ଥିଲାବେଳେ ରବୀନ୍ଦ୍ରନାଥଙ୍କୁ ଏହି ପୁରସ୍କାର ଦିଆଯାଇଛି । ଲେଖକଙ୍କର କହିବାର ଉଦ୍ଦେଶ୍ୟ ରବୀନ୍ଦ୍ରନାଥଙ୍କଠାରୁ ଅଧିକ ପ୍ରତିଭାବାନ ଲେଖକମାନେ ଭାରତବର୍ଷରେ ଥିଲେ । ସେମାନେ କେହି ନୋବେଲ୍ ପୁରସ୍କାର ନ ପାଇ ରବୀନ୍ଦ୍ରନାଥ ପାଇବାଟା ବିଚାର ବିଭ୍ରାଟର ନମୁନା । ପ୍ରେମଚାନ୍ଦ ବା ଆଉ କେହି ଭାରତୀୟ ସାହିତ୍ୟିକ ନୋବେଲ ପୁରସ୍କାର ପାଇବାର ଯୋଗ୍ୟ ଥିଲେ ବୋଲି କହିବା ସ୍ୱତନ୍ତ୍ର କଥା । ମାତ୍ର ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଁ ରବୀନ୍ଦ୍ରନାଥଙ୍କ ଠାରୁ ଅଧିକ ଯୋଗ୍ୟ ସାହିତ୍ୟିକ ଭାରତବର୍ଷରେ ଥିଲେ କଥାର ତାତ୍ପର୍ଯ୍ୟ ଭିନ୍ନ । ରବୀନ୍ଦ୍ରନାଥ ଭାରତବର୍ଷ ଜଣେ ମହାନ୍ କବି । ଏହା ବ୍ୟତୀତ ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ କ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି । ସ୍ୱତଃପ୍ରବୃତ୍ତ ଭାବେ ଭାରତବାସୀ ଯାହାଙ୍କୁ କବିଗୁରୁ ଭାବେ ସମ୍ମାନ ଜଣାନ୍ତି, ତାଙ୍କୁ ଅନ୍ୟ ସମସାମୟିକ ଭାରତୀୟ ସାହିତ୍ୟିକଙ୍କଠାରୁ ସାନ ବୋଲି ପ୍ରତିପାଦିତ କରିବାରେ ଚେଷ୍ଟା ରୁଚିକର ହେଲାନାହିଁ ।

ଦ୍ୱିତୀୟ ମନ୍ତବ୍ୟଟି ବାର୍ଟ୍ରାଣ୍ଡ ରସେଲଙ୍କ ସମ୍ପର୍କରେ । ଲେଖକ କହିଛନ୍ତି,

Digitized by srujanika@gmail.com

"ସାହିତ୍ୟ କ୍ଷେତ୍ରରେ ସେମାନଙ୍କ ଦାନ ନ ଥାଉ ବା କେତେବେଳେ କେତେବେଳେ ସାମାନ୍ୟ ଦାନ ଥାଇ ନୋବେଲ୍ ପୁରସ୍କାର ମଧ୍ୟ ପାଇଛନ୍ତି ।

ସେମାନେ ହେଲେ ବ୍ରିଟିଶ୍ ଦାର୍ଶନିକ ବ୍ରାର୍ଟେଣ୍ଡ ରସେଲ୍...." । ଏହି ମନ୍ତବ୍ୟଟି ପଢ଼ିଲେ ଆମ ଓଡ଼ିଶାରେ ମୋ ପରି ହଜାର ହଜାର ରସେଲଙ୍କର ମୁଗ୍ଧ ପାଠକମାନେ ଆହତ ହେବେ । ରସେଲଙ୍କର ଖଣ୍ଡେ ବହି, ଏପରିକି ଗୋଟିଏ ପ୍ରବନ୍ଧ ପଢ଼ିଥିବା ବ୍ୟକ୍ତି ସାହିତ୍ୟ କ୍ଷେତ୍ରକୁ ତାଙ୍କର ମହାନ ଅବଦାନ କଥା ଅନୁଭବ କରେ । ରସେଲ୍ ବିଂଶ ଶତାବ୍ଦୀର ଏକ ବିସ୍ମୟ ପ୍ରତିଭା । ସେ ଏକାଧାରରେ ଜଣେ ବିରାଟ ଗଣିତଜ୍ଞ, ଯୁଗାନ୍ତକାରୀ ଦାର୍ଶନିକ ଓ ମହାନ୍ ସାହିତ୍ୟିକ । ତେବେ ତାଙ୍କର ଗାଣିତିକ ପ୍ରତିଭାର ପରିଚୟ ମୁଷ୍ଟିମେୟ ଗଣିତଜ୍ଞ ପାଇଛନ୍ତି । ଦର୍ଶନ କ୍ଷେତ୍ରକୁ ରସେଲ୍‌ଙ୍କ ମୌଳିକ ଅବାଦାନ ମଧ୍ୟ ଦର୍ଶନରେ ସୀମା ମଧ୍ୟରେ ଆବଦ୍ଧ । ମାତ୍ର ସାହିତ୍ୟିକ ଭାବେ ରସେଲ ସାରା ପୃଥିବୀର ଅଗଣିତ ନରନାରୀଙ୍କ ହୃଦୟ ଜୟ କରିଛନ୍ତି । ତାଙ୍କର ଗଦ୍ୟ ରଚନା ଶୈଳୀ ଅପୂର୍ବ । ଶାଣିତ ବିଦ୍ରୂପ ହାସ୍ୟରସିକତା, ଗଭୀର ଅନ୍ତର୍ଦୃଷ୍ଟି ଓ ମୌଳିକ ବିଚାର ମିଶିଯାଇ ତାଙ୍କ ରଚନାଗୁଡ଼ିକୁ ମହିମାମଣ୍ଡିତ କରିଛି । ଏହା ବ୍ୟତୀତ ପରିମାଣ ଦୃଷ୍ଟିରୁ ରସେଲ୍ କିଛି କମ୍ ଗ୍ରନ୍ଥ ଲେଖିନାହାନ୍ତି । ତାଙ୍କର ତିରିଶ୍‌ରୁ ଉର୍ଦ୍ଧ୍ୱ ରଚନା ଗ୍ରନ୍ଥ ରହିଛି । ଏଗୁଡ଼ିକ ସବୁ ଆଧୁନିକ ମଣିଷକୁ ଘାରୁଥିବା ସମସ୍ୟା ଭିତ୍ତିକ । ସ୍ପଷ୍ଟବାଦୀ, ନିର୍ଭୀକ ଓ ସ୍ୱାଧୀନଚେତା ରସେଲ୍ ପୁରସ୍କାରଟିଏ ପାଇବା ପାଇଁ କେଉଁଠି ଯାଇ ଧରାଧରି କରିଥିବେ - ଏକଥା କଳ୍ପନା କରି ହୁଏନା ।

ଏସବୁ ସତ । ତଥାପି ପ୍ରବନ୍ଧ, ଆଲୋଚନା ଲେଖୁଥିବା ଜଣେ ସାହିତ୍ୟିକକୁ କ'ଣ ନୋବେଲ୍ ପୁରସ୍କାର ପରି ସର୍ବଶ୍ରେଷ୍ଠ ସାହିତ୍ୟ ପୁରସ୍କାର ମିଳିବା ଉଚିତ୍ ? ଏହିପରି ମନୋଭାବ ଓ ଓଡ଼ିଶାରେ ଥିବା ସମ୍ପର୍କରେ ମୁଁ ସଚେତନ ଥିବାରୁ ଏ ବିଷୟରେ କିଛି ଆଲୋଚନା ଦରକାର ପଡୁଛି । ମୌଳିକ ଚିନ୍ତା, ମୌଳିକ ଓ ଗଭୀର ଉପଲବ୍ଧି ସଫଳତାର ସହିତ ରୂପାୟିତ ହୋଇଥିବା ସାହିତ୍ୟ ଉଚ୍ଚକୋଟୀର । ଏହିପରି ରୂପାୟନର ମାଧ୍ୟମ କବିତା, ଉପନ୍ୟାସ, ନାଟକ ବା ପ୍ରବନ୍ଧ ହୋଇପାରେ ସେ କବି ହୁଅନ୍ତୁ ବା ପ୍ରାବନ୍ଧିକ ହୁଅନ୍ତୁ, ମୌଳିକତାର ସ୍ୱାକ୍ଷର ବହନ କରୁଥିବା

Digitized by srujanika@gmail.com

ସାହିତ୍ୟିକଙ୍କ ସଂଖ୍ୟା ସବୁ ଯୁଗରେ, ସବୁ ଭାଷାରେ କମ୍ । ଏ ଦୃଷ୍ଟିରୁ ସବୁ କବିତା ବା ଉପନ୍ୟାସକୁ ସୃଜନଶୀଳ ସାହିତ୍ୟ ଭାବେ ଧରିନେବାର କୌଣସି କାରଣ ନାହିଁ । ଯଦିଚ ଏପରି ଧାରଣା, ଅନ୍ଧବିଶ୍ୱାସ କହନ୍ତୁ, ସାହିତ୍ୟିକ ତଥା ପାଠକମାନଙ୍କର ଅଛି ।

ସବୁ କବିତା ସୃଜନଶୀଳ ମାନସରୁ ଜାତ ହୋଇ ନଥାଏ । କବିତାର ଛାଞ୍ଚମାନ ଅଛି ଓ ଛାଞ୍ଚରେ ପକାଇ ଗୋଟିଏ କବିତା ଉତ୍ତରା ହୋଇଥିଲେ ତାହା ସୃଜନାତ୍ମକ କବିତା ହିସାବରେ ଗଣା ହେବାର କିଛି କାରଣ ନାହିଁ । ଚନ୍ଦ୍ର, ଜ୍ୟୋତ୍ସ୍ନା, ପ୍ରିୟା, ମଳୟ, ବସନ୍ତ, କୋଇଲି, ନିର୍ଝରଣୀ, କଇଁ ପ୍ରଭୃତି ଶବ୍ଦକୁ ମିଶେଇ ସେଥିରେ କିଛି କୌଶଳ ଖଞ୍ଜିଦେଇ କବିତାର ଗୋଟିଏ ଛାଞ୍ଚ ରହିଛି । ସେ ଛାଞ୍ଚ ଅବଶ୍ୟ ଆଜିକାଲି ଅଚଳ । ଆଉ ଗୋଟାଏ ଛାଞ୍ଚ ମୃତ୍ୟୁ, ଉଦ୍‌ବେଗ, ନିଃସଙ୍ଗତା, ଦୁଃଖ, ମୋହ, ନିର୍ଜନତା ମରୁଭୂମି ପ୍ରଭୃତି ଶବ୍ଦମାନଙ୍କୁ ନେଇ ଗଢ଼ା । ସେହିପରି ଉପନ୍ୟାସର ପ୍ଲଟ୍ ନିର୍ମାଣର ଛାଞ୍ଚମାନ ରହିଛି । ଏହାର ଅର୍ଥ ନୁହେଁ ଯେ ସବୁ କବି, ଔପନ୍ୟାସିକ ଛାଞ୍ଚର ଅଧୀନ । ବରଂ ମୌଳିକ ଓ ପ୍ରତିଭାବାନ କବିଙ୍କର ବାକ୍ୟଗଠନକୁ ଅଧ୍ୟୟନ କରି ଛାଞ୍ଚ ପ୍ରସ୍ତୁତ ହୁଏ । ଯେପରିକି ଏଲିୟଟଙ୍କ କବିତାକୁ ଆଖି ଆଗରେ ରଖି କବିତାର ଗୋଟିଏ ଛାଞ୍ଚ ପ୍ରସ୍ତୁତ ହୋଇଥିଲା ।

ଅବଶ୍ୟ କୌଣସି କବିର କବିତା ସମ୍ପୂର୍ଣ୍ଣ ଛାଞ୍ଚ ପ୍ରସ୍ତୁତ ନୁହେଁ ସେଥିରେ ଧାଡ଼ିଏ ଦି'ଧାଡ଼ି ମୌଳିକ ସୃଷ୍ଟି ଥାଏ । ତେବେ ଆମେ ମୋଟାମୋଟି ଭାବେ ଅନେକ ଛାଞ୍ଚ ପ୍ରସ୍ତୁତ କବିତା ବା ଉପନ୍ୟାସ ପଢ଼ୁ । ଗୋଟିଏ ଭାଷାରେ ଗୋଟିଏ ଶତାବ୍ଦୀ ମଧ୍ୟରେ ମୌଳିକ ଲେଖା ଲେଖୁଥିବା ଯଥାର୍ଥ ସୃଜନାତ୍ମକ ସାହିତ୍ୟ ସ୍ରଷ୍ଟାଙ୍କ ସଂଖ୍ୟା ସାହିତ୍ୟିକ କେଉଁମାନେ ? ଫକୀରମୋହନ, ରାଧାନାଥ ତ ନିଶ୍ଚୟ ଆଉ ଆଠଜଣ ସର୍ବସମ୍ମତ ନାମ ବାଛିବା କଷ୍ଟକର ।

ସ୍କୁଲରେ ପିଲାଦିନୁ ପ୍ରବନ୍ଧ ଲେଖାଯାଏ । ପ୍ରବନ୍ଧ ଲେଖାରେ ଛାଞ୍ଚ ସହିତ ପିଲାଙ୍କୁ ପରିଚିତ କରାଇ ଦିଆଯାଉଥିବାରୁ ପ୍ରବନ୍ଧ ସୃଜନଶୀଳ ନୁହେଁ ବୋଲି

Digitized by srujanika@gmail.com

ଧାରଣାଟି ବୋଧେ ଦୃଢ଼ୀଭୂତ ହୋଇଛି । କହିବା ବାହୁଲ୍ୟ ଗାଈ ବିଷୟରେ ପ୍ରବନ୍ଧଟିଏ ଲେଖିବାକୁ ଯାଇ ଗାଈ ଗୋଟିଏ ଗୃହପାଳିତ ପଶୁ ଇତ୍ୟାଦି ମାନରେ ଲେଖା ରସେଲ୍ ଲେଖି ନାହାନ୍ତି । ବେକନ୍ ଏମରସନ ଓ ରସେଲଙ୍କ ରଚନାମାନ ପଢ଼ିଲେ ମଣିଷର ଚିତ୍ତଭୂମି ଆଲୋକମୟ ହୋଇଉଠେ । ଏମାନେ ଅନେକ ଅଦେଖା କଥା ଦେଖାଇ ଦିଅନ୍ତି, ଅଶୁଣା କଥା ଶୁଣାଇ ଦିଅନ୍ତି । ଏ ତିନିଜଣ ଦାର୍ଶନିକ ସତ, ତେବେ ଦାର୍ଶନିକ ସାହିତ୍ୟିକ ହୋଇ ପାରିବ ନାହିଁ ଏପରି ନିୟମ ଈଶ୍ୱର ପ୍ରଣୟନ କରିନାହାନ୍ତି । ପ୍ଲେଟୋ ଏକାଧାରରେ ବିରାଟ ଦାର୍ଶନିକ ଓ ସାହିତ୍ୟିକଙ୍କ ମଉଡ଼ମଣି, ଉପନିଷଦ ସବୁ ଏକାଧାରରେ ଦର୍ଶନ ଓ ମହାନ୍ କବିତା ।

ଓଡ଼ିଆରେ ପ୍ରବନ୍ଧ ସାହିତ୍ୟ ଉଧୋଉ ନାହିଁ ବୋଲି ସାହିତ୍ୟିକ ମାନେ ଦୁଃଖ କରୁଥିବାର ଶୁଣିଛି । ଏଣେ ପ୍ରବନ୍ଧ ସାହିତ୍ୟକୁ ସାହିତ୍ୟିକମାନେ ମର୍ଯ୍ୟାଦା ଦେବେ ନାହିଁ ଓ ତେଣେ ପ୍ରବନ୍ଧ ସାହିତ୍ୟ ଉଧୋଉ ନାହିଁ ବୋଲି ଦୁଃଖ କରିବେ ଏହା କେଉଁଆଡ଼ର ନ୍ୟାୟ ? ଓଡ଼ିଶାରେ କେତେକ ପୁରସ୍କାରରେ ପ୍ରବନ୍ଧ ବିଭାଗରେ ପୁରସ୍କାର ଦେବା ପାଇଁ ବ୍ୟବସ୍ଥା ନାହିଁ । ଏମିତି ଉପେକ୍ଷା ମନୋଭାବରେ ସାମନା କରି ପ୍ରବନ୍ଧ ସାହିତ୍ୟ କିପରି ତିଷ୍ଠି ରହୁଛି ଦେଖାଯାଉ । ବର୍ତ୍ତମାନ ଯାହା ଗତିବିଧି ସେଥିରେ ତିଷ୍ଠିଲା ପରି ତ ଲାଗୁନି ।

ଯୁଗ୍ମ ଶାସନ ସଚିବ, ଶିକ୍ଷା ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

* (ସମ୍ବାଦ - ଡିସେମ୍ବର ୧୨, ୧୯୯୨)

Digitized by srujanika@gmail.com

ବିତର୍କ ଆବଶ୍ୟକ

ଗୌତମବୁଦ୍ଧ ଦାସ

ମହାଶୟ,

ଗତ କିଛି ଦିନ ତଳେ ଦୈନିକ ସମ୍ବାଦରେ ପ୍ରକାଶିତ 'ମିଛ ସପକ୍ଷରେ' ପ୍ରବନ୍ଧ ଉପରେ ଲେଖକଙ୍କର ତିନୋଟି ମତକୁ ବିରୋଧ କରି ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଓ ସ୍ୱନାମଧନ୍ୟ ଲେଖକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାନ୍ତିଙ୍କର ପ୍ରକାଶ ପାଇଥିବା ପ୍ରବନ୍ଧ "ମିଛ ସପକ୍ଷରେ ସମ୍ପର୍କରେ' ବେଶ୍ ବୁଦ୍ଧିମନ୍ତ ଓ ଯୁକ୍ତି ସମ୍ବଳିତ ହୋଇ ପାରିଛି । ବର୍ଟାଣ୍ଡ ରସେଲଙ୍କ ସମ୍ବନ୍ଧରେ ଦିଆଯାଇଥିବା ମନ୍ତବ୍ୟକୁ ଶ୍ରୀଯୁକ୍ତ ମହାନ୍ତି ବଳିଷ୍ଠ ତଥ୍ୟ ଏବଂ ଗାଣିତଯୁକ୍ତି ମାଧ୍ୟମରେ ଭୁଲ ବୋଲି ପ୍ରମାଣିତ କରି ଦେଇଛନ୍ତି । ଅନ୍ତତଃ ପ୍ରବନ୍ଧ ସାହିତ୍ୟକୁ ରସେଲଙ୍କ ଅବଦାନ ସମ୍ପର୍କରେ କାହାର ମତ ଦ୍ୱୈଧ ରହିବ ନାହିଁ କି ତାକୁ ନେଇ ନୋବେଲ ପୁରସ୍କାର କାହିଁକି ଦିଆଗଲା ଏ ପ୍ରଶ୍ନ ମଧ୍ୟ ଅବାନ୍ତର ଶୁଭିବ । କିନ୍ତୁ ରବୀନ୍ଦ୍ରନାଥଙ୍କ କ୍ଷେତ୍ରରେ ପୂର୍ବ ଲେଖକ ଯାହା କହିବାକୁ ଯାଇଛନ୍ତି ତାହା କହି ପାରି ନାହାନ୍ତି ବୋଧହୁଏ, ତେଣୁ ଏହା ଅଧିକ ଆଲୋଚନାର ଅବକାଶ ରଖେ । ରବୀନ୍ଦ୍ର ନାଥ ଯେ ପ୍ରକୃତରେ ନୋବେଲ୍ ପୁରସ୍କାର ପାଇବା ପାଇଁ ଯୋଗ୍ୟ ଏଥିରେ କାହାରି ସନ୍ଦେହ ନାହିଁ । ରବୀନ୍ଦ୍ରନାଥଙ୍କ ନାଁ ପୂର୍ବରୁ ସ୍ୱତନ୍ତ୍ରଭାବେ କବିଗୁରୁ ବିଶ୍ୱକବି ଆଦି ଯୋଡ଼ି ଦିଆଯାଏ, ଏହା ସାହିତ୍ୟ କ୍ଷେତ୍ରରେ ତାଙ୍କର ମହାନତା ପ୍ରତିପାଦନ କରେ । କିନ୍ତୁ ଶରତ ଚନ୍ଦ୍ର, ବଙ୍କିମଚନ୍ଦ୍ର ପ୍ରଭୃତିଙ୍କ ପ୍ରତିଭା, ରବୀନ୍ଦ୍ର ନାଥଙ୍କ ତୁଳନାରେ କିଛି ନୁହେଁ ବୋଲି ଭାବିବା ସମିଚୀନ ନୁହେଁ । ଭାରତୀୟ ସାହିତ୍ୟ ଜଗତରେ ଶରତଚନ୍ଦ୍ର ପ୍ରକୃତରେ ଶରତ କାଳୀନ ଚନ୍ଦ୍ରର ଜ୍ୟୋସ୍ନା ପ୍ରଦାନ କରି ଆସିଛନ୍ତି । ସମାଜ ସଂସ୍କାରର ବାର୍ତ୍ତାବହନ କରୁଥିବା, ଚରିତ୍ରମାନଙ୍କୁ ପାଠକ ଆଗରେ ଜୀବନ୍ତ ରୂପେ ତୋଳି ଧରୁଥିବା, ତାଙ୍କର ପ୍ରତ୍ୟେକ ସୃଷ୍ଟି ସାହିତ୍ୟ ଜଗତରେ ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ । "ଗୀତାଞ୍ଜଳି" ର ଇଂରାଜୀ ସଂସ୍କରଣ ହୋଇ ନଥିଲେ, ତାହା ହୁଏତ ନୋବେଲ୍ ପୁରସ୍କାର ପାଇ ନଥାନ୍ତା । ସେ ସମୟରେ ଯେତେ ଭଲ ରଚନା,

Digitized by srujanika@gmail.com

ଇଂରାଜୀ ବା କେତୋଟି ଲୋକପ୍ରିୟ, ସମୃଦ୍ଧ ଭାଷାରେ ଲିଖିତ ନ ହେଲେ ନୋବେଲ୍ କମିଟି ତା'କୁ ଗୁରୁତ୍ୱ ଦେଉ ନଥିଲେ । ତେଣୁ ରବୀନ୍ଦ୍ରନାଥଙ୍କ ନୋବେଲ୍ ପୁରସ୍କାର ପାଇବା ମୂଳରେ ତାଙ୍କର ସାହିତ୍ୟର ମୂଲ୍ୟାୟନ ଯେ କେବଳ ଦାୟୀ, ଏହା ଅନେକ ସ୍ୱୀକାର କରନ୍ତି ନାହିଁ । ବରଂ କେତୋଟି ରାଜନୈତିକ କାରଣ ଯେ ଏଥିପାଇଁ ଅନେକ ମାତ୍ରାରେ ଦାୟୀ, ଏହା ସେମାନେ ଦାୟୀ କରନ୍ତି । ଯଦି ସେଇ ସମୟରେ ଶରତଚନ୍ଦ୍ରଙ୍କ କେତୋଟି ମର୍ମସ୍ପର୍ଶୀ ଉପନ୍ୟାସ ଇଂରାଜୀରେ ଅନୁଦିତ ହୋଇଥାଆନ୍ତା ବା ରବୀନ୍ଦ୍ରନାଥଙ୍କ ଭଳି ତାଙ୍କର ପ୍ରଚାର ପାଶ୍ଚାତ୍ୟ ମହଲରେ ପହଞ୍ଚି ପାରିଥାନ୍ତା ତେବେ ସେ ନୋବେଲ୍ ପୁରସ୍କାର ପାଇ ନଥାନ୍ତେ କି ? ତେଣୁ କେବଳ ରବୀନ୍ଦ୍ରନାଥ ବା ଶରତ ଚନ୍ଦ୍ର ନୁହଁନ୍ତି ଭାରତୀୟ ସାହିତ୍ୟ ଜଗତରେ ବଙ୍କିମ୍‌ଚନ୍ଦ୍ର, କାଜି ନଜରୁଲ୍, ପ୍ରେମଚାନ୍ଦ ପ୍ରଭୃତିଙ୍କୁ ବିଚାରକୁ ନେଲେ କିଏ ବଡ଼ ତାହା ଜୋର୍ ଦେଇ କହିହେବ ନାହିଁ । ପ୍ରତ୍ୟେକଙ୍କ ସୃଷ୍ଟିରେ ପ୍ରତ୍ୟେକ ସମାନ । ସଂପ୍ରତି ନୋବେଲ୍ ପୁରସ୍କାରର ମାନ ଯଥେଷ୍ଟ ହ୍ରାସ ପାଇଛି । ଏହା ସମ୍ପୂର୍ଣ୍ଣଭାବେ ଆନ୍ତର୍ଜାତୀକ ରାଜନୀତି ଦ୍ୱାରା ନିୟନ୍ତ୍ରିତ ହୋଇ ଆମେରିକାକୁ ସୁହାଇଲା ଭଳି ଢଙ୍ଗରେ ପ୍ରଦାନ କରାଯାଉଛି । ନିକଟ ଅତୀତରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ଆକ୍ୱାଭିଓ ପାଜ୍, ଡେରେକ୍ ୱାଲକଟ୍ ପ୍ରଭୃତିଙ୍କ ପରି ପ୍ରତିଭା କଣ କେବଳ ଆମେରିକାକୁ ସମର୍ଥନ କରୁଥିବା (ରାଜନୈତିକ ଦୃଷ୍ଟିକୋଣରୁ) ରାଷ୍ଟ୍ରମାନଙ୍କରେ ଉଦୟ ହୋଇଛନ୍ତି ? ଏହାଛଡ଼ା ଶ୍ରୀଯୁକ୍ତ ମହାନ୍ତି ତାଙ୍କ ପ୍ରବନ୍ଧରେ ଆହୁରି ଅନେକ ନାମ ଉଲ୍ଲେଖ କରିଛନ୍ତି ଯେଉଁମାନଙ୍କୁ କି ସେମାନଙ୍କର ଯଥେଷ୍ଟ ପ୍ରତିଭା ଥିବା ସତ୍ତ୍ୱେ ନୋବେଲ୍ କମିଟି ସମ୍ମାନିତ କରିନାହିଁ । ସଂପ୍ରତି ପଞ୍ଜାବୀ ଭାଷାର ଏକ ବିବଦମାନ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ବିଷୟ, ପୁରସ୍କାର କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ ତଥା ସ୍ୱେଚ୍ଛାଚାରିତା କେତେଦୂର ବଢ଼ିଗଲାଣି, ତାହା ପ୍ରତିପାଦନ କରେ । ତେଣୁ କେବଳ ପୁରସ୍କାର ହିଁ ଯେ ଜଣକର ଯୋଗ୍ୟତାର ମାପକାଠି, ଏହା କଦାପି ସ୍ୱୀକାର୍ଯ୍ୟ ନୁହେଁ । ଏଠାରେ ଆଉ ଏକ ବିବଦମାନ ବିଷୟ ଅବତାରଣା କରାଯାଇ ପାରେ । ରବୀନ୍ଦ୍ରନାଥଙ୍କ ଦ୍ୱାରା ଲିଖିତ "ଜନଗଣ ମନ ଅଧିନାୟକ" କୁ ଜାତୀୟ ସଂଗୀତର ମର୍ଯ୍ୟାଦା ଦିଆଯାଇଛି । ଏଥିରେ ସନ୍ଦେହ ନାହିଁ ରବୀନ୍ଦ୍ରନାଥ ଅନେକ ଦେଶାତ୍ମବୋଧକ ଓ ବିଦ୍ରୋହାତ୍ମକ କବିତା ଲେଖି ସେତେବେଳର ସ୍ୱାଧୀନତା ସଂଗ୍ରାମର ଅଗ୍ନିକୁ ଅଧିକ ପ୍ରଜ୍ୱଳିତ କରିବାର ପ୍ରୟାସ

Digitized by srujanika@gmail.com

କରିଛନ୍ତି । ତଥାପି ତତ୍‌କାଳୀନ ଇଂରେଜ ପ୍ରଶାସନ ଓ ରବୀନ୍ଦ୍ର ନାଥଙ୍କର ସମ୍ପର୍କ ମଧୁର ଥିଲା ବୋଲି କେତେକ ସମାଲୋଚକ ମତ ଦିଅନ୍ତି । ଏହାଛଡ଼ା 'ଜନଗଣ ମନ ଅଧିନାୟକ' ସଂଗୀତଟି, ଇଂଲଣ୍ଡର ସମ୍ରାଟ ପଞ୍ଚମ ଜର୍ଜଙ୍କ ଭାରତ ଆଗମନ ଓ ବଙ୍ଗ ବିଭାଜନକୁ ସ୍ଥଗିତ ରଖାଯିବାର ଘୋଷଣା ଯୋଗୁଁ କୃତଜ୍ଞତା ସ୍ୱରୂପ ରଚିତ ହୋଇଥିଲା ବୋଲି ମଧ୍ୟ କେତେକ ଅଭିଯୋଗ କରନ୍ତି । ସେମାନଙ୍କ ଯୁକ୍ତି ହେଉଛି ଜଗ ଗଣ ମନ ଅଧିନାୟକ ଭାରତ ଭାଗ୍ୟ ବିଧାତା ବୋଲି ଆଉ କାହାକୁ ସମ୍ବୋଧନ କରାଯାଇ ପାରେ ? ଭାରତର ଜାତୀୟ ସଂଗୀତରେ ଭାରତ ମାତାର ବନ୍ଦନା କରି ଭାରତର ଭାଗ୍ୟବିଧାତାକୁ ବନ୍ଦନା କରିବା କେତେଦୂର ଯୁକ୍ତିଯୁକ୍ତ ? ଅବଶ୍ୟ ଏହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ରଚିତ ବୋଲି କୁହାଯାଇ ପାରେ । ପ୍ରାୟ ପ୍ରତ୍ୟେକ ସୃଷ୍ଟିରେ ରବୀନ୍ଦ୍ର ନାଥ ନତମସ୍ତକ ହୋଇ ପ୍ରଣାମ କରିଥିବା ବେଳେ ଏଠାରେ ଜୟଗାନ ହିଁ କରିଛନ୍ତି କେବଳ । ଆଉ ଦେଶାତ୍ମବୋଧକ ସଂଗୀତରେ ବିଶେଷ କରି ଏକ ଜାତୀୟ ସଂଗୀତରେ ଦେଶବନ୍ଦନା ଆବଶ୍ୟକ ନା ଈଶ୍ୱରଙ୍କ ଜୟଗାନ ? ଏହାର ଅର୍ଥ ନୁହେଁ ଯେ ଈଶ୍ୱର ଓ ଦେଶ ମଧ୍ୟରେ କିଏ ବଡ଼ ତାହା ଏଠାରେ ପ୍ରମାଣ କରିବାକୁ ଚେଷ୍ଟା କରାଯାଉଛି । ଏଠାରେ ରବୀନ୍ଦ୍ରନାଥଙ୍କୁ ନୁହେଁ, ଜାତୀୟ ସଂଗୀତ ଭାବେ ନିର୍ବାଚିତ କରାଯାଇଥିବା ଜଗଗଣ ମନ ଅଧିନାୟକ, ସଂଗୀତର ଯୌକ୍ତିକତା ସମ୍ବନ୍ଧରେ ପ୍ରଶ୍ନ କରାଯାଉଛି । ତେଣୁ ଏହା ଏକ ସ୍ୱାଗତ ସଂଗୀତ ନୁହେଁ ବୋଲି ଯୁକ୍ତିକୁ ଏଡ଼ାଇ ହେବ କି ? ହୁଏତ ଏହା ପ୍ରକୃତରେ ଈଶ୍ୱରଙ୍କୁ ଉଦ୍ଦେଶ୍ୟ କରି ରଚନା କରାଯାଇଛି, କିନ୍ତୁ କେତେକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିବା ଏଭଳି ବିବଦମାନ (?) ସଂଗୀତକୁ ଛାଡ଼ିଦେଲେ କ'ଣ ରବୀନ୍ଦ୍ରନାଥଙ୍କର ବା ଅନ୍ୟ କେଉଁ କବିଙ୍କ ଦ୍ୱାରା ରଚିତ ଆଉ କିଛି ସଂଗୀତ ନଥିଲା ? ହୁଏତ ଥିଲା । 'ଜଗନଣମନ ଅଧିନାୟକ' ଓ 'ବନ୍ଦେମାତରମ୍' ମଧ୍ୟରୁ କେଉଁଟି ଜାତୀୟ ସଂଗୀତ ହେବ ତାହା ସେତେବେଳେ ମଧ୍ୟ ବିତର୍କ ସୃଷ୍ଟି କରିଥିଲା । ବୋଧହୁଏ ଏହାର ଅବସାନ ପାଇଁ, ଦୁଇ ପକ୍ଷକୁ ସନ୍ତୁଷ୍ଟ କରିବାକୁ ଯାଇ ଦୁଇଟି ସମାନ୍ତରାଳ ପଦବୀ ସୃଷ୍ଟି କଲାଭଳି ଗୋଟିକୁ National Anthem ଏବଂ ଗୋଟିକୁ National Song ରେ ନାମିତ କରାଗଲା । ମାତ୍ର, ପ୍ରକୃତ ଜାତୀୟ ସଂଗୀତ ଭାବରେ ମର୍ଯ୍ୟାଦା ଦିଆଗଲା 'ଜନଗଣମନ ଅଧିନାୟକ'କୁ । କିନ୍ତୁ ପ୍ରକୃତରେ ବନ୍ଦେ ମାତରମ୍ ଧ୍ୱନି ଦେଇ ସହସ୍ର ସହସ୍ର ବିପ୍ଳବୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ସମୟରେ କେତେଜଣ

Digitized by srujanika@gmail.com

ବିପ୍ଳବୀ 'ଜନଗଣମନ ଅଧିନାୟକ' ରେ ଉଦ୍‌ବୁଦ୍ଧ ହୋଇଥିଲେ ?

ତଥାପି ଜନଗଣମନ ଅଧିନାୟକ - ଜାତୀୟ ସଂଗୀତ ହେଲା, କାରଣ ରବୀନ୍ଦ୍ରନାଥ ଥିଲେ ନୋବେଲ୍ ପୁରସ୍କାର ବିଜେତା ଆଉ ବଙ୍କିମ୍ ଚନ୍ଦ୍ର ଥିଲେ କେବଳ ବଙ୍କିମ୍ ଚନ୍ଦ୍ର । ଯୁକ୍ତି ଦ୍ୱାରା ହୁଏତ 'ଜନଗଣମନ ଅଧିନାୟକ'କୁ ଏକ ଦେଶାତ୍ମବୋଧକ ସଂଗୀତ ବୋଲି ଏବଂ ବନ୍ଦେ ମାତରମ୍ କୁ ହଟାଇ ଜାତୀୟ ସଂଗୀତର ମର୍ଯ୍ୟାଦା ଦେବାକୁ ଯୋଗ୍ୟ ବୋଲି ସିଦ୍ଧ କରାଯାଇ ପାରେ, କିନ୍ତୁ ବନ୍ଦେ ମାତରମ୍ ସଂଗୀତ ଗାନ କଲାବେଳେ ଅନ୍ତରର ନିଭୃତରେ ଯେଉଁ ସ୍ପନ୍ଦନ ଅନୁଭୂତ ହୁଏ ଜନଗଣମନ ଅଧିନାୟକ ବେଳେ ସେପରି ହୁଏ କି ? ଏଭଳି ଅନୁଭବର ସ୍ଥାନ ଯୁକ୍ତିଠାରୁ ବହୁତ ଉର୍ଦ୍ଧ୍ୱରେ । ଅବଶ୍ୟ ଏବେ ଜଣେ ମୁସ୍‌ଲିମ୍ ମୌଳବାଦୀ ନେତା, ବନ୍ଦେମାତରମ୍ ପୌତ୍ତଳିକାକୁ ପ୍ରୋତ୍ସାହନ ଦେଲାଭଳି ଏକ ସଂଗୀତ ବୋଲି ଅଭିଯୋଗ କରିବା ସଂଗେ ସଂଗେ ହିନ୍ଦୁ ଦେବାଦେବୀଙ୍କର ଏଥିରେ ଆରାଧନା କରାଯାଇଥିବାରୁ (ବନ୍ଦୋ ମାତରମ୍ ସଂଗୀତର ଯେଉଁ ଅଂଶଟି National Song ରୂପେ ସ୍ୱୀକୃତି ହୋଇଛି ସେଥିରେ ଅବଶ୍ୟ ଦେବାଦେବୀଙ୍କର ଆରାଧନା ନାହିଁ) ଏହା National Song ହେବାକୁ ଅଯୋଗ୍ୟ ବୋଲି ଯୁକ୍ତି ଉଠାଇଛନ୍ତି ।

ତେଣୁ ନୋବେଲ୍ ପୁରସ୍କାର ପାଇବା ପାଇଁ ରବୀନ୍ଦ୍ରନାଥଙ୍କ ତୁଳନାରେ (ଏପରିକି ରବୀନ୍ଦ୍ରନାଥଙ୍କ ବଦଳରେ) ଅନ୍ୟମାନଙ୍କର ଯୋଗ୍ୟତା ଥିଲା କି ନାହିଁ, 'ଜନଗଣମନ ଅଧିନାୟକ' ପ୍ରକୃତରେ ଏକ ସ୍ୱାଗତ ସଂଗୀତ ନାଁ ଦେଶାତ୍ମକ ବୋଧ ସଂଗୀତ, ଜାତୀୟ ସଂଗୀତର ମର୍ଯ୍ୟାଦା ପାଇବା ପାଇଁ 'ଜନଗଣମନ ଅଧିନାୟକ' ଓ 'ବନ୍ଦେମାତରମ୍' ମଧ୍ୟରେ କିଏ ଅଧିକ ଯୋଗ୍ୟ ଏବଂ ଶେଷରେ ବନ୍ଦେମାତରମ୍ ସଂଗୀତକୁ ବର୍ଜନ କରିବା (ମୁସ୍‌ଲିମ୍ ନେତାଙ୍କ ଦୃଷ୍ଟିରୁ) ଉଚିତ୍ କି ନୁହେଁ, ସେଥିପାଇଁ ଯଥେଷ୍ଟ ବିତର୍କର ଆବଶ୍ୟକତା ରହିଛି ବୋଲି ମନେହୁଏ ।

କେବଳ ବିତର୍କ ନୁହେଁ, ବଳିଷ୍ଠ ଯୁକ୍ତି ଓ ତଥ୍ୟ ଦ୍ୱାରା ବିଶ୍ୱକବିଙ୍କ ଉପରେ ଥିବା ସନ୍ଦେହର ମୋଚନ ହେବା ସଂଗେ ସଂଗେ ଏହା ଅନେକ ଜ୍ଞାନପୀପାସୁଙ୍କୁ ବହୁ ଆଲୋକ ଦେଖାଇ ପାରନ୍ତା ।

ତଲାଡ଼ି, କଖଡ଼ା, ବାଲେଶ୍ୱର

(ସମ୍ବାଦ - ଜାନୁୟାରୀ ୧, ୧୯୯୩)

Digitized by srujanika@gmail.com

ସୂର୍ଯ୍ୟାସ୍ତକୁ ବି ସୂର୍ଯ୍ୟୋଦୟ କୁହାଯାଏ ।

ଭୂପେନ୍ ମହାପାତ୍ର

ମୋର ନଭେମ୍ବର ୨୦ ତାରିଖରେ ସମ୍ବାଦରେ ପ୍ରକାଶିତ 'ମିଛ ସପକ୍ଷରେ' ପ୍ରକାଶ ପାଇବା ପରେ ଶ୍ରୀ ଶରତ କୁମାର ମହାନ୍ତିଙ୍କ ପ୍ରବନ୍ଧ 'ମିଛ ସପକ୍ଷରେ ସମ୍ପର୍କରେ' (ସମ୍ବାଦ ୯ ଡିସେମ୍ବର) ଦେଖିଲି । ମୋ ଲେଖାର କେତେକ ମନ୍ତବ୍ୟ ଶ୍ରୀ ମହାନ୍ତିଙ୍କ ମନରେ ଆଘାତ ଦେଇଥିବାରୁ ମୁଁ ଦୁଃଖିତ । ମୁଁ କାହାକୁ ଆଘାତ ଦେବା ଉଦ୍ଦେଶ୍ୟରେ ଏ କଥା ଲେଖି ନଥିଲି । ମୁଁ ମୋର ମତ ଉପସ୍ଥାପିତ କରିଥିଲି । ଠିକ୍ ଯେମିତି ଶ୍ରୀ ମହାନ୍ତି ତାଙ୍କ ମତ ଉପସ୍ଥାପିତ କରିଛନ୍ତି । ମତ ଏମିତି ସବୁବେଳ ଦୁଇ ପ୍ରକାର ଥାଏ ।

ମୁଁ ମୋର ମୂଳ ଲେଖାରେ ଲେଖିଥିଲି ଯେ ପୁରସ୍କାର ବା ଆୱାର୍ଡ ଅନେକ ସମୟରେ ସ୍ତାବକତା ଓ ରାଜକୀୟ ନିଷ୍ପତ୍ତି ଉପରେ ନିର୍ଭର କରେ । ମୁଁ ଏକଥା ମଧ୍ୟ ଲେଖିଥିଲି ଯେ ନୋବେଲ କମିଟି ସାମ୍ରାଜ୍ୟବାଦୀ ଗୋଷ୍ଠୀର କ୍ରୀଡ଼ନକ ହେଇ ସମାଜବାଦୀ ରାଷ୍ଟ୍ରର ପତନ ପାଇଁ ରାସ୍ତା ତିଆରି କରେ । ମୂଳ ଲେଖାରେ ସେ ସବୁର ଉଦାହରଣ ମୁଁ ଦେଇଛି ।

ରବୀନ୍ଦ୍ରନାଥଙ୍କ କବି ପ୍ରତିଭା ବିଷୟରେ ମୋର ଏଠି କିଛି କହିବାର ନାହିଁ । କିନ୍ତୁ ତାଙ୍କର ସ୍ତାବକତା ମଧ୍ୟ କମ୍ ନଥିଲା । ଭାରତର ସ୍ୱାଧୀନତା ଆନ୍ଦୋଳନର ପରିପ୍ରେକ୍ଷୀରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧୀ ବିଦ୍ରୋହ ତେଜି ଉଠୁଥିଲା ବେଳେ ତାଙ୍କର କବି ପ୍ରତିଭା ଏବଂ ରାଜଭକ୍ତିକୁ ତଉଲି ବସିଲେ ମନରେ ଅନେକ ସମୟରେ ପ୍ରଶ୍ନ ଉଠେ । ତାଙ୍କ ରାଜଭକ୍ତିର ଉଦାହରଣ ଅନେକ ଅଛି ।

ରବୀନ୍ଦ୍ରନାଥଙ୍କୁ ୧୯୧୫ ରେ 'ସାର୍' ଉପାଧି ଦିଆଯାଇଥିଲା । ସେତେବେଳେ ଏହି ଉପାଧି କେବଳ ରାଜଭକ୍ତ କିମ୍ବା ବଡ଼ ବଡ଼ ବ୍ରିଟିଶ୍ କର୍ମଚାରୀମାନଙ୍କୁ ଦିଆଯାଉଥିଲା । ଶ୍ରୀ ପ୍ରଭାତ ମୁଖୋପାଧ୍ୟାୟ ତାଙ୍କର 'ରବୀନ୍ଦ୍ର ଜୀବନକଥା' (ଡକ୍ଟର ଭାବଗ୍ରାହୀ ମିଶ୍ରଙ୍କ ଦ୍ୱାରା ଅନୁଦିତ) ପୁସ୍ତକରେ ଲେଖିଛନ୍ତି (ପୃ : ୧୭୯) ଏ ଉପାଧି ସେ ଚାରିବର୍ଷ କାଳ ବ୍ୟବହାର କରିଥିଲେ । ଅବଶ୍ୟ ପରେ ପରିସ୍ଥିତିର ଚାପରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ସେ ସାର୍ ଉପାଧି ତ୍ୟାଗ କରିଥିଲେ । କିନ୍ତୁ ଠିକ୍ ଜାଲିୱାନାବାଗର

Digitized by srujanika@gmail.com

ନାରକୀୟ ଘଟଣା ପରେ ପ୍ରତିବାଦ କରି ତ୍ୟାଗ କରିଥିଲେ ବୋଲି କହି ହେଉନି । କାରଣ ଜାଲିଓ୍ୱାନାବାଗ୍ ଘଟଣାର ପ୍ରାୟ ଦେଢ଼ମାସ ପରେ କବି ଶାନ୍ତିନିକେତନରୁ କଲିକତା ଆସି ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କ ସହିତ ପରାମର୍ଶ ପରେ ବଡ଼ଲାଟ୍‌ଙ୍କୁ ଚିଠି ଲେଖି ସାର୍ ପଦ ତ୍ୟାଗ କଲେ । ଅଥଚ ଠିକ୍ ତା ପରେ ପରେ ସେ ରାନୁ ଅଧିକାରୀଙ୍କ ପାଖକୁ ଏକ ଚିଠିରେ ଲେଖିଲେ ଯେ "ତୁମର ଲଫାପାରେ ତୁମେ ଯେତେବେଳେ ମୋର ଠିକଣା ଲେଖ ମୁଁ ଭାବିଲି ଯେ ଏ ପଦବୀଟା ତୁମର ପସନ୍ଦ ହେଉନି । ତେଣୁ କଲିକତା ଆସି ବଡ଼ଲାଟ୍‌ଙ୍କୁ ଚିଠି ଲେଖୁଚି ମୋର ଏ ଛାର ସାର୍ ପଦବୀ ଫେରେଇ ନେବାକୁ । (ପୃ: ୧୮୯)

ତାଙ୍କ ରାଜଭକ୍ତିର ଆଉ ଗୋଟିଏ ନିଦର୍ଶନ ତାଙ୍କର 'ଜନ ଗଣ ମନ....' କବିତା ବୋଲି କୁହାଯାଉଛି । ଆସାମର ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡକ୍ଟର କେ. ସି. ମହନ୍ତ ୨୯.୧୦.୧୯୯୦ ରେ 'ଆସାମ ଟ୍ରିବୁନ'ରେ ପ୍ରକାଶିତ ଚିଠିରେ ଲେଖିଛନ୍ତି, "Thus, under the prevailing social aura, it is not at all surprising that the great poet fell an inadvertant prey to British Administrative glamour to compose the Poem in praise of the all-powerful lion of the empire."

କବିତାଟି ଲେଖା ଯାଇଛି ୧୯୧୧ ରେ ଇଂଲଣ୍ଡର ରାଜା ପଞ୍ଚମ ଜର୍ଜଙ୍କ ଭାରତ ଆଗମନ ସମୟରେ । କିଏ ଭାରତର ଭାଗ୍ୟ ବିଧାତା ? କାହାର ଜୟଗାନ କରୁଚି ? ? ଏବଂ କାହାର ଶୁଭ ଆଶିଷ ମାଗୁଚି ? ? ? ଏ ସବୁ ଅନେକ ଗୁଡ଼ିଏ ପ୍ରଶ୍ନ ଏବେ ମଧ ଅମୀମାଂସିତ ହେଇ ରହିଚି ବୋଲି ଡକ୍ଟର ମହନ୍ତଙ୍କ ଲେଖାରୁ ଜଣାପଡୁଚି ।

ସେ ଆହୁରି ମଧ ଲେଖିଛନ୍ତି ଯେ Presumably later in the tumultuous days of the freedom movement Rabindranath could discover to his uttter horror and dismay the Himalayan blunder and left no store unturned in a bid to undo the fact of history. Rabindranath's personal correspondence with a number of personalities, in the thirties and his spurring the award of the Knighthood are all but his desperate effort to nollify the effect of his original indiscretion.

ରବୀନ୍ଦ୍ରନାଥଙ୍କ ପାଶ୍ଚାତ୍ୟ ପ୍ରୀତି ଥିଲା ପ୍ରବଳ । ଅବଶ୍ୟ ତା ପଛରେ ତାଙ୍କର ଅନେକ

Digitized by srujanika@gmail.com

ଗୁଡ଼ିଏ ବ୍ୟକ୍ତିଗତ କାରଣ ମଧ୍ୟ ଥିଲା । ତେବେ ସେ ପ୍ରୀତିଟା ଏତେ ବେଶୀ ଥିଲା ଯେ ଏକଦା ମୁସୋଲିନି ଓ ତାଙ୍କ ଫାସିଜିମ୍‌କୁ ମଧ୍ୟ ଭଲ ପାଇ ବସିଲେ ଏବଂ ତାର ପ୍ରଚାର ମଧ୍ୟ ଆରମ୍ଭ କରିଦେଲେ । ଅବଶ୍ୟ ପରେ ସେ ରୋମାରୋଲାଙ୍କ ସମ୍ପର୍କରେ ଆସିଲା ପରେ ସେ ତାଙ୍କର ଭୁଲ ବୁଝି ପାରିଲେ । (ପୃ : ୨୩୪)

ରବୀନ୍ଦ୍ରନାଥ ମୀରା ଦେବୀଙ୍କୁ ଲେଖୁଥିବା କେତେକ ଚିଠି ବିଶ୍ୱଭାରତୀ ସୌଜନ୍ୟରୁ ଏବେ ଶାରଦୀୟ ସଂଖ୍ୟା 'ଦେଶ' ୧୯୯୭ ସଂଖ୍ୟାରେ ପ୍ରକାଶ ପାଇଛି । ଏ ଚିଠିଗୁଡ଼ିକ ରବୀନ୍ଦ୍ରନାଥ ୧୯୦୬ ରୁ ୧୯୩୭ ଭିତରେ ଲେଖିଛନ୍ତି । ଏ ଚିଠିଗୁଡ଼ିକରେ ତାଙ୍କର ପାଶ୍ଚାତ୍ୟ ଭ୍ରମଣର ଅନୁଭୂତି ମଧ୍ୟ ପ୍ରକାଶ ପାଇଚି । କାରଣ ସେଥିରୁ ଅନେକ ଅନେକ ଚିଠି ରବୀନ୍ଦ୍ର ନାଥଙ୍କ ପାଶ୍ଚାତ୍ୟ ଭ୍ରମଣ ସମୟରେ ଲେଖା । ଏଥିରେ ସେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ପ୍ରତି କେତେ ସମ୍ବେଦନଶୀଳ ତାହା ଜଣାପଡ଼େ । ୧୩ ନମ୍ବର ଚିଠିରେ ସେ ଲେଖିଛନ୍ତି 'Mrs. Lee' ଓ ତାର ଭାଇଟି (ନା ଭାଗ୍ନୀ ?) ଦେର ସଙ୍ଗେ ତୋଦେର୍ ବେଶ୍ ଭାଲ ଜମେଛେ ଶୁନେ ଆମି ଖୁବ୍ ଖୁସି ହୟେଛି । କାରଣ ଭଦ୍ର ଇଂରେଜ ମେୟେ ଦେର କାଛେ ଆମାଦେର ଅନେକ ଜିନିଷ ଶିଖିବାର ଆଛେ ଏ ରକମ୍ ସୁଯୋଗ ଭାରତବର୍ଷ ପାଓ୍ୱା ଭାରୀ ଶକ୍ତ ।'

ତା'ଛଡ଼ା ଅନ୍ୟାନ୍ୟ ଚିଠିରେ କବି ପାଶ୍ଚାତ୍ୟ ପ୍ରଶଂସାରେ ମୁଖର ହେଇ ଉଠିବା ସଂଗେ ସଂଗେ ନିଜକୁ ସେମାନଙ୍କ ତୁଳନାରେ ଅତି ନଗଣ୍ୟ ଅତି ତୁଚ୍ଛ ବୋଲି ମନେ କରିଛନ୍ତି । ଏପରିକି ୬୩ ନମ୍ବର ଚିଠିରେ ସେ ଲେଖିଛନ୍ତି 'ଏ ମନହଉଆ ଅସମ୍ଭବ ନୟ ଯେ ଆମାର୍ ଜୀବନେର ପଶ୍ଚିମ ଭାଗେ ଏଇ ପଶ୍ଚିମ ଦେଶଇ ଆମାର୍ ପ୍ରଧାନ କର୍ମକ୍ଷେତ୍ର ହବେ ।'

ଏଠାରେ ଗୋଟିଏ କଥା ଉଲ୍ଲେଖ କରିବା ବୋଧେ ଅପ୍ରାସଙ୍ଗିକ ହେବ ନାହିଁ । ଯୋଉ ସମୟରେ ରବୀନ୍ଦ୍ରନାଥ ତାଙ୍କ ଅଳିଅଳି ଝିଅ ପାଖକୁ ଭାରତ ତଥା ପୃଥିବୀର ବିଭିନ୍ନ ସ୍ଥାନରୁ ଚିଠିମାନ ଲେଖୁଥିଲେ ପ୍ରାୟ ଠିକ୍ ସେଇ ସମୟରେ ପୃଥିବୀର ଅନ୍ୟ ଜଣେ ମହାନ୍ ଜନନେତା, ରାଷ୍ଟ୍ରନୀତିଜ୍ଞ ତଥା ଲେଖକ ପଣ୍ଡିତ ଜବାହାରଲାଲ୍ ନେହେରୁ ମଧ୍ୟ ସେମିତି ତାଙ୍କର ଏକମାତ୍ର ଅଳିଅଳି ଝିଅପାଖକୁ ଚିଠିମାନ ଲେଖୁଥିଲେ । ରବୀନ୍ଦ୍ରନାଥ ମୁକ୍ତ ଆକାଶ ତଳେ ପଦ୍ମାର ନିରବ ନିଥର ବକ୍ଷ ଦେଶରୁ ଅଥବା ତ୍ରିପୁରାର ରାଜପ୍ରାସାଦ

Digitized by srujanika@gmail.com

ଭିତରୁ କିମ୍ବା ପାଶ୍ଚାତ୍ୟ ରାଜା ମହାରାଜା ବା ଧନ କୁବେରଙ୍କ ଶୀତତାପ ନିୟନ୍ତ୍ରିତ କୋଠରିର ଦୁଗ୍ଧଫେନନିଭ ଶଯ୍ୟା ଉପରୁ ଚିଠି ଗୁଡ଼ିକ ଲେଖୁଥିଲା ବେଳେ ପଣ୍ଡିତ ନେହେରୁ ଆଲ୍ଲାହାବାଦର କେନ୍ଦ୍ରୀୟ ଜେଲ୍‌ରୁ ନିବୁଜ କୋଠରି ଭିତରୁ ବଡ଼ ଦୟନୀୟ ଅବସ୍ଥାରେ ରହି ଲେଖୁଥିଲେ । ଦୁଇଟି ଚିଠି ଭିତରେ ଆକାଶ ପାତାଳ ଫରକ । ଗୋଟିଏ ଚିଠିରେ ପିତାର କନ୍ୟା ପ୍ରତି ମମତା ଓ ସ୍ନେହ ସହିତ କରୁଣା ଓ ପ୍ରଶଂସା କିମ୍ବା ଅନ୍ୟ କୋଉ ଚିଠିରେ ନଜ ଦେଶରେ ସୃଷ୍ଟି ହୋଇଥିବା 'ବିଦ୍ରୋହ' ବିରୁଦ୍ଧରେ ପରିହାସ (ପୃ : ଚିଠି ନମ୍ବର ୬୭) । ଅଥଚ ଅନ୍ୟ ଦିଗରେ ପଣ୍ଡିତ ନେହେରୁଙ୍କ ଚିଠି ଗୁଡ଼ିକ ପଢ଼ିଲେ (Glimpses of world history) ଦେହର ଲୋମଗୁଡ଼ିକ ଖାଲି ଟାଙ୍କୁରି ଉଠେନି / ପୁଞ୍ଜିବାଦୀ ରାଷ୍ଟ୍ର ବିରୁଦ୍ଧରେ ରକ୍ତ କଣିକା ସବୁ ଗରମ ହେଇ ଟକ୍‌ମକ୍ କରି ଫୁଟିବାକୁ ଆରମ୍ଭ କରେ ।

ଏ ଦୁଇଟି ଚିଠି ଦୁଇ ଝିଅଙ୍କ ଉପରେ କିପରି ଭାବରେ ପ୍ରଭାବ ବିସ୍ତାର କରିଚି ସେ ସବୁ ଏଠାରେ ଆଲୋଚନା ଅନାବଶ୍ୟକ । ମୋର ମୂଳ ଲେଖାରେ ମୁଁ କେବଳ ନୋବେଲ୍ ଏକାଡେମୀ ପୁରସ୍କାର ଦେବା କ୍ଷେତ୍ରରେ କିପରି ରାଜନୈତିକ ଦୂରଭିସନ୍ଧି ରଖି କାର୍ଯ୍ୟ କରନ୍ତି ତାର କେତୋଟି ଉଦାହରଣ ଦେଇଥିଲି । ତାହାହିଁ ଥିଲା ପ୍ରବନ୍ଧର ପ୍ରଧାନ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କୁ ନୋବେଲ୍ ପୁରସ୍କାର ଦିଆଯାଇ ପାରିଲା ଅଥଚ ନେହେରୁ କିମ୍ବା ମହାତ୍ମାଗାନ୍ଧୀଙ୍କୁ ଶାନ୍ତି ପୁରସ୍କାର ଦିଆଯାଇ ପାରିଲାନି । ଏମାନଙ୍କ ପରି ପୃଥିବୀରେ ଆଉ ଗୋଟିଏ ଶାନ୍ତିକାମୀ ମଣିଷଟିଏ ଥିଲା ବୋଲି ମୋର ମନେ ହୁଏନା । ଅଥଚ ଗତ କେତେ ବର୍ଷ ଭିତରେ ନୋବେଲ୍ ଶାନ୍ତି ପୁରସ୍କାର ପାଇଥିବା ବ୍ୟକ୍ତିମାନଙ୍କ ଭିତରୁ ଅନ୍ତତଃ ଜଣକୁ ନେଇ ଯଦି ଗାନ୍ଧୀ ଓ ନେହେରୁ ସହିତ ତୁଳନା କରାଯାଏ ତେବେ ହତାଶ ହେବାକୁ ପଡ଼ିବ ।

ଶେଷରେ ମୁଁ ଏତିକି କହିବି ମତରେ ପାର୍ଥକ୍ୟ ସ୍ୱାଭାବିକ । ଆମେ ଯୋଉଟାକୁ ସୂର୍ଯ୍ୟୋଦୟ ବୋଲି କହୁଁ ପୃଥିବୀର ସମସ୍ତେ ସେତିକି ବେଳେ ସେଇଟାକୁ ସୂର୍ଯ୍ୟୋଦୟ ବୋଲି କହନ୍ତି ନାହିଁ । କେହି କେହି ତାକୁ ମଧ୍ୟାହ୍ନ ବୋଲି ମଧ କହନ୍ତି । ଏ ସତ୍ୟ ଅବଧାରିତ ।

* (ସମ୍ବାଦ - ୮.୧.୧୯୯୩)

Digitized by srujanika@gmail.com

'ଜନଗଣ ମନ' ସମ୍ପର୍କରେ

ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ

ଜାତୀୟ ସଂଗୀତ "ଜନ ଗଣ ମନ" ସମ୍ପର୍କରେ କେତେକ ବାଦ ବିବାଦ ଏହା ମଧ୍ୟରେ ପ୍ରକାଶ ପାଇଛି । ଏହି ସଂଗୀତଟି ସମ୍ରାଟ ପଞ୍ଚମ ଜର୍ଜଙ୍କ ଭାରତଗସ୍ତ ସମୟରେ ତାଙ୍କ ସ୍ତୁତିବାଦ ପାଇଁ ଲେଖା ହୋଇଥିଲା ବୋଲି ଆକ୍ଷେପ ହୋଇଛି । ଯେହେତୁ ଏହା ବ୍ରିଟିଶ୍ ସମ୍ରାଟଙ୍କ ଉଦ୍ଦେଶ୍ୟରେ ସ୍ତୁତିବାଦ ଗର୍ଭିକ ଥିଲା, ତେଣୁ ସ୍ୱାଧୀନ ଭାରତର ଜାତୀୟ ସଂଗୀତ ହେବା ଯୋଗ୍ୟତା ବହନ କରେ ନାହିଁ ବୋଲି ଯୁକ୍ତି ଦର୍ଶାଯାଇଛି । ଭାରତର ସମ୍ବିଧାନ ପ୍ରଣୟନ ସଭାରେ ସଦସ୍ୟ ଥିବା ବିଜ୍ଞ ଜନମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଭାବେ ମନୋନୀତ ଏହି ରଚନାଟି ସମ୍ପର୍କରେ ଏବେ ଏ ଯେଉଁ ବିବାଦ ଉପୁଜୁଛି, ତାହାର ଯଥାର୍ଥତା ଥାଉ କି ନଥାଉ, ସମ୍ବିଧାନ ପ୍ରବର୍ତ୍ତିତ ହେବାର ୪୨ ବର୍ଷ ପରେ ପ୍ରସଂଗଟି ଉଠାଯିବା ଦ୍ୱାରା କି ଉଦ୍ଦେଶ୍ୟ ସାଧିତ ହୋଇପାରେ, ସେ ପ୍ରଶ୍ନଟି ସ୍ୱତଃ ମନରେ ଉତ୍ଥିତ ହୁଏ । ଏବେ କଅଣ ଏହାକୁ ଜାତୀୟ ସଂଗୀତ ମର୍ଯ୍ୟାଦାରୁ ବାଦ ଦେବାପାଇଁ ସମ୍ବିଧାନ ସଂଶୋଧନ କରାଯିବ ? ତାହା କରା ନ ଯିବା ଯାଏଁ, ଅଯଥା ବିବାଦ ଓ ଆକ୍ଷେପ ଦ୍ୱାରା ଆମେ ଜାତୀୟ ସଂଗୀତକୁ ଅବମାନନା କରିବା ସହିତ, ତାହାକୁ ମନୋନୀତ କରିଥିବା ସମ୍ବିଧାନ ପ୍ରଣୟନ ସଭାର ବିଜ୍ଞ ସଦସ୍ୟମାନଙ୍କୁ ମଧ୍ୟ ଅସମ୍ମାନ ପ୍ରଦର୍ଶନ କରୁନାହିଁ କି ? ଏହା ଦ୍ୱାରା ମଧ୍ୟ, ଆମେ ବିଶ୍ୱ ଆଗରେ ପ୍ରତିପାଦିତ କରିବାକୁ ଯାଉଛୁ ଯେ ଏକ ସ୍ୱାଧୀନ ମନୋବୃତ୍ତି ଆମ ସମ୍ବିଧାନ ପ୍ରଣେତାମାନଙ୍କର ନଥିଲା ବୋଲି ଏବଂ ସେମାନେ ବ୍ରିଟିଶ୍ ସମ୍ରାଟଙ୍କ ପ୍ରତି ତଥାପି ଅତି ଭକ୍ତି ପ୍ରଣୋଦିତ ହୋଇ ତାଙ୍କ ସ୍ତୁତିବାଦମୂଳକ ଏକ ସଂଗୀତକୁ ବାଛିନେଲେ, ଏପରିକି ତାହା ବିରୁଦ୍ଧରେ କେହି ସ୍ୱର ମଧ୍ୟ ଉତ୍ତୋଳନ କଲେ ନାହିଁ । ସମସ୍ତ ଜାତୀୟତାବାଦୀ ସ୍ୱର ଯେ କିପରି ମୌନ ହୋଇ ଯାଇଥିଲା, ତାହା ଏକ ଅତି ବିସ୍ମୟର ବିଷୟ । ୧୯୫୦ ଜାନୁୟାରୀ ୨୦ ତାରିଖରେ ସମ୍ବିଧାନ ପ୍ରଣୟନ ସଭା

Digitized by srujanika@gmail.com

ଦ୍ୱାରା 'ଜନଗଣମନ' ଜାତୀୟ ସଂଗୀତ ଭାବେ ଅନୁମୋଦିତ ହୋଇଥିଲା । ପ୍ରସଂଗତଃ ଉଲ୍ଲେଖ କରାଯାଇପାରେ ଯେ ସେ ସମୟରେ ସମ୍ବିଧାନ ପ୍ରଣୟନ ସଭାକୁ ସେ ବିଷୟରେ କୌଣସି ଭାବେ ପ୍ରଭାବିତ କରିବା ପାଇଁ କବି ରବୀନ୍ଦ୍ରନାଥ ବଞ୍ଚି ନଥିଲେ । ତାହାର ନଅବର୍ଷ ପୂର୍ବରୁ ୧୯୪୧ ରେ ଇହଧାମ ତ୍ୟାଗ କରି ସାରିଥିଲେ ।

'ବନ୍ଦେ ମାତରମ୍' ଥାଉ ଥାଉ, ଯେହେତୁ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ପାଇଥିଲେ, ତେଣୁ ତାଙ୍କ ସମ୍ମାନାର୍ଥେ 'ଜନଗଣ ମନ'କୁ ବଛାଗଲା ବୋଲି ଏକ ବିଚିତ୍ର ଆପେକ୍ଷ ହୋଇଛି । ରବୀନ୍ଦ୍ରନାଥଙ୍କ ରଚନାକୁ ଯଦି ସେହି କାରଣରୁ ବଛାଗଲା, ତାହେଲେ ତାଙ୍କର 'ଅୟି ଭୁବନ ମନମୋହିନୀ', 'ସାର୍ଥକ ଜନମ୍ ଆମର ଜନ୍ମେଛି ଏଇ ଦେଶେ' ଭଳି ଅନ୍ୟାନ୍ୟ ଦେଶାତ୍ମବୋଧକ ସଂଗୀତ ଥାଉ ଥାଉ, ସମ୍ବିଧାନ ପ୍ରଣେତାମାନେ 'ଜନଗଣ ମନ' ସଂଗୀତକୁ କାହିଁକି ବାଛିନେଲେ, ଏ କଥାଟି କିଞ୍ଚିତ ନିରପେକ୍ଷ ଚିତ୍ତରେ ବିଚାର କରାଯିବା ଉଚିତ୍ ନୁହେଁ କି ? 'ଜନଗଣ ମନ' ଯଦି ସମ୍ରାଟ ପଞ୍ଚମ ଜର୍ଜଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିଲା, ଆମ ସମ୍ବିଧାନ ପ୍ରଣେତାମାନେ କଅଣ ତାହା ଜାଣି ପାରି ନଥିଲେ ? ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟମାନଙ୍କ ମଧ୍ୟରୁ କେହି ସେ କଥା ଦର୍ଶାଇବାକୁ ସାହସ କିପରି କରି ନଥିଲେ ?

କିନ୍ତୁ ଅନ୍ୟ କଥା ତେଣେ ଥାଉ, 'ଜନଗଣମନ' ସଂଗୀତଟି ମୂଳରୁ ଶେଷ ଯାଏଁ ଯେଉଁମାନେ ପାଠ କରିଥିବେ, ସେ ସଂଗୀତ କୌଣସି ପାର୍ଥିବ ରାଜାଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିବାର ଧାରଣା କିପରି ତାଙ୍କର ହୋଇପାରେ ? ସେ ସଂଗୀତଟିର ସେହି ମହାନ୍ ପଦଟି :

"ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥା
ଯୁଗେ ଯୁଗେ ଧାବିତ ଯାତ୍ରୀ
ହେ ଚିର ସାରଥି ତବ ରଥ ଚକ୍ରେ
ମୁଖରିତ ପଥ ଦିନ ରାତ୍ରି ।
ଦାରୁଣ ବିପ୍ଳବ ମାଝେ
ତବ ଶଙ୍ଖ ଧ୍ୱନି ବାଜେ
ସଂକଟ ଦୁଃଖ ତ୍ରାତା....

Digitized by srujanika@gmail.com

ଜନଗଣ ପଥ ପରିଚାୟକ ଜୟ ହେ
ଭାରତ ଭାଗ୍ୟ ବିଧାତା....."

କୌଣସି ମର ଶରୀରଧାରୀ ସମ୍ରାଟ ପ୍ରତି କୌଣସି କବିର ଲେଖନୀରୁ ଏ ଭାବଧାରା ବାହାରି ପାରେ ? ଦାରୁଣ ବିପ୍ଳବ ମାଝେ ଯାହାଙ୍କ ଶଙ୍ଖଧ୍ୱନି ନିନାଦିତ, ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥାର ସେହି ଚିର ସାରଥି ସଂକଟ ଦୁଃଖ ତ୍ରାତା ପଥ ପରିଚାୟକ କୌଣସି ରକ୍ତ ମାଂସଧାରୀ ମନୁଷ୍ୟ ହୋଇ ନ ପାରନ୍ତି । ଚିରନ୍ତନ ଭାରତୀୟ ଆତ୍ମାକୁ ଲକ୍ଷ୍ୟ କରି ମହାନ୍ ବିଶ୍ୱପିତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏ ଅନବଦ୍ୟ ସଂଗୀତକୁ ସ୍ତୁତିବାଦର ସଂକୀର୍ଣ୍ଣ ଗଣ୍ଡି ଭିତରେ କିପରି ଆବଦ୍ଧ କରିଦିଆ ଯାଇପାରେ ?

ଦ୍ୱିତୀୟତଃ ଏ ସଂଗୀତର ଇତିହାସ ସମ୍ପର୍କରେ ପ୍ରଭାତ ମୁଖାର୍ଜୀଙ୍କ ଲିଖିତ ରବୀନ୍ଦ୍ର ଜୀବନୀ ଓ ରବୀନ୍ଦ୍ରଙ୍କ କାବ୍ୟ ଗ୍ରନ୍ଥ 'ସଂଚୟିତା'ରୁ ଯାହା ବିବରଣୀ ମିଳେ, ୧୯୧୨ ରେ କଲିକତାରେ ଅନୁଷ୍ଠିତ ବ୍ରାହ୍ମସମାଜ ମହୋତ୍ସବ ପାଇଁ ଏହା ରଚିତ ହୋଇ ସେଥିରେ ବ୍ରହ୍ମ ସଂଗୀତ ଭବେ ଯଦିଓ ଗୀତ ହୋଇଥିଲା, ତାହା ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ମଧ୍ୟ ପ୍ରାରମ୍ଭିକ ସଂଗୀତ ଭାବେ ଗାନ କରାଯାଇଥିଲା । ଭାରତୀୟ ଜାତୀୟ କଂଗ୍ରେସ ଥିଲା ଭାରତୀୟ ଜାତୀୟତାର ପ୍ରତୀକ । ବ୍ରିଟିଶ୍ ସମ୍ରାଟଙ୍କ ସ୍ତୁତିବାଦମୂଳକ ଏକ ସଂଗୀତକୁ ଭାରତୀୟ ଜାତୀୟ କଂଗ୍ରେସର ଏକ ଅଧିବେଶନରେ ବୋଲାଯିବାକୁ ଅନୁମତି ଦିଆଗଲା କିପରି ? ଭାରତୀୟ ଜାତୀୟ କଂଗ୍ରେସର ଉକ୍ତ କଲିକତା ଅଧିବେଶନ ୧୯୨୧ ରେ ଅନୁଷ୍ଠିତ ହୋଇଥିଲା ବୋଲି ବଳରାମ ମହାନ୍ତିଙ୍କ 'କୋଣାର୍କ ଜ୍ଞାନ ବିଜ୍ଞାନ ପରିଚୟ' ରେ ଉଲ୍ଲେଖ କରାଯାଇଛି । ଅବଶ୍ୟ ୧୯୧୧ ଶେଷ ବେଳକୁ ସମ୍ରାଟ ପଞ୍ଚମ ଜର୍ଜ ଭାରତ ଗସ୍ତରେ ଆସିଥିଲେ । ତେଣୁ କାକତାଳୀୟ ନ୍ୟାୟରେ ଜନଗଣମନକୁ ତାଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ରଚିତ ହୋଇଥିବାର ଆକ୍ଷେପ ହୋଇଛି । କିନ୍ତୁ ଭାରତୀୟ ଜାତୀୟ କଂଗ୍ରେସ ଓ ବ୍ରାହ୍ମସମାଜ ମହୋତ୍ସବରେ ସେ ସଂଗୀତ ଗାନ କରାଯିବାକୁ କେହି ଅସ୍ୱୀକାର କରିନାହାନ୍ତି । କିନ୍ତୁ ସମ୍ରାଟ ପଞ୍ଚମ ଜର୍ଜଙ୍କ ସ୍ୱାଗତ ପାଇଁ କେଉଁ ଉତ୍ସବରେ ବୋଲା ଯାଇଥିବାର କେଉଁଠାରେ ଉଲ୍ଲେଖ ନାହିଁ । ସେହି ସଂଗୀତକୁ ପୁଣି ୧୯୩୦ ରେ ରବୀନ୍ଦ୍ର ନାଥ ଋଷ ଗସ୍ତ ବେଳେ ସେଠାରେ ଜନସାଧାରଣଙ୍କ ଆଗରେ ବହୁବାର ଗାନ କରି ସେମାନଙ୍କ

Digitized by srujanika@gmail.com

ମନରେ ଭାରତ ପ୍ରତି ଅନୁରାଗ ବଢ଼ାଇଥିଲେ । ଏହାଛଡ଼ା ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଭଳି ଜଣେ ଉତ୍କଟ ଜାତୀୟତାବାଦୀ ନେତା ତାଙ୍କ 'ଆଜାଦ୍ ହିନ୍ଦ୍ ଫଉଜ' (ଆଇ.ଏନ.ଏ) ର ପ୍ରଧାନ ସଂଗୀତ ଭାବେ ବାଛି ନେଇଥିଲେ 'ଜନଗଣମନ' ସଂଗୀତର ହିନ୍ଦୀ ଅନୁବାଦକୁ । ଏଥିରୁ କଅଣ ଆମେ ବୁଝିବା ଯେ ବ୍ରିଟିଶ୍ ସାମ୍ରାଜ୍ୟବାଦର ବେସାଲିସ୍ ବିରୋଧୀ ଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ଜଣେ ମହାନ୍ ବିଜ୍ଞ ନେତା ମଧ୍ୟ ପଞ୍ଚମ ଜର୍ଜଙ୍କ ପ୍ରତି 'ଜନଗଣମନ' ର ସ୍ତୁତିବାଦଟିକୁ ଠଉରାଇ ପାରି ନଥିଲେ ? ଆଜି ଜନଗଣମନକୁ ଆକ୍ଷେପ କରିବା ବେଳେ, ଆମେ ସୁଭାଷ ଚନ୍ଦ୍ର ବୋଷଙ୍କ ବିଜ୍ଞତା ପ୍ରତି ମଧ୍ୟ ଆକ୍ଷେପ କରୁ ନାହିଁ କି ?

ବଳରାମ ମହାନ୍ତିଙ୍କ 'କୋଣାର୍କ ଜ୍ଞାନ ବିଜ୍ଞାନ ପରିଚୟ' ରେ ସୂଚିତ ହୋଇଛି ଯେ 'ଜନଗଣମନ' ପ୍ରଥମେ ବୋଲା ହୋଇଥିଲା ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ୧୯୧୧ ରେ ଏବଂ ତାହାର ପାଞ୍ଚବର୍ଷ ପରେ ୧୯୧୬ ରେ 'ବନ୍ଦେ ମାତରମ୍' ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସମ୍ମାନ ପାଇଥିଲା । ପ୍ରସଂଗତଃ ଆଉ ଏକ କଥା ମଧ୍ୟ ଉଲ୍ଲେଖ କରାଯାଇପାରେ । 'ବନ୍ଦେ ମାତରମ୍' ସଂଗୀତର ରଚୟିତା ବଙ୍କିମ୍ ଚନ୍ଦ୍ରଙ୍କ ପ୍ରତି ରବୀନ୍ଦ୍ର ନାଥଙ୍କ ପ୍ରଗାଢ଼ ଭକ୍ତି ଥିଲା ଓ 'ବନ୍ଦେ ମାତରମ୍' ସଂଗୀତଟିକୁ ସେ ମଧ୍ୟ ଅତ୍ୟନ୍ତ ସମ୍ମାନ ଦେଇ, ତାହାର ସ୍ୱରଲିପି ରଚନା କରିବା ସହିତ ନିଜେ ଗ୍ରାମ୍‌ଫୋନ୍ ରେକର୍ଡରେ ତାହା ଗାନ କରିଥିଲେ ।

ଏଠାରେ କିଛି ବ୍ୟକ୍ତିଗତ କଥାକୁ ଆସୁଛି । ମୋର ପିତା ୧୯୨୧ ରୁ ସ୍ୱାଧୀନତା ସଂଗ୍ରାମୀ ଥିଲେ । ମୁଁ ଜାଣିଛି, ମୋ ପିଲାଦିନେ, ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ମଧ୍ୟ, ଆମ୍ଭମାନଙ୍କୁ ସେ 'ବନ୍ଦେ ମାତରମ୍' ସହିତ 'ଜନଗଣମନ' ସଂଗୀତ ଶିଖାଉଥିଲେ । ତାଙ୍କ ଦ୍ୱାରା ଗ୍ରାମମାନଙ୍କରେ ସଂଗଠିତ ଯୁବସମିତି, ମହିଳା ସମିତି ଓ ବାଳ ସଂଗଠନ ଏବଂ ସ୍ୱାଧୀନତା ସଂଗ୍ରାମ ସହିତ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ 'ଜନଗଣମନ' ସଂଗୀତ ବରାବର ଗାନ କରାଯିବା ଉପରେ ସେ ଜୋର ଦେଇଥିଲେ । ଏହା ୧୯୪୦ ପାଖାପାଖି ସମୟର କଥା । ସେତେବେଳକୁ ସମ୍ବିଧାନ ପ୍ରଣୟନ କଳ୍ପନା ଆହୁରି ହୋଇ ନଥିଲା, ଜାତୀୟ ସଂଗୀତ ମନୋନୟନ ତ ଦୂରର କଥା । କିନ୍ତୁ ମହାତ୍ମାଗାନ୍ଧୀଙ୍କ ଅନୁପ୍ରେରଣାରେ ଭାରତୀୟ ଜାତୀୟ କଂଗ୍ରେସ ଯେ 'ବନ୍ଦେ

Digitized by srujanika@gmail.com

ମାତରମ୍' ସହିତ 'ଜନଗଣମନ' କୁ ଜାତିର ପ୍ରେରଣାଦାୟକ ସଂଗୀତ ଭାବେ ଗ୍ରହଣ କରି ନେଇଥିଲା, ଏହା ନିଷ୍ଠାପର ଗାନ୍ଧୀବାଦୀ ମୋ ବାପାଙ୍କ ଉଦାହରଣରୁ ସୂଚିତ । ମୋର ବୟସ ଏବେ ୬୦ ବର୍ଷ । ମୁଁ ମୋର ସାତ ବର୍ଷ ବୟସରୁ 'ବନ୍ଦେ ମାତରମ୍' ସହିତ 'ଜନଗଣମନ' ସଂଗୀତ ଶିକ୍ଷା କରିଛି ।

ମୋର ଅନ୍ତତଃ ମତ ଯେ, ରବୀନ୍ଦ୍ର ନାଥଙ୍କୁ ଆଉ ଯାହା ଭାବେ ସମାଲୋଚନା କରାଯାଉ ନା କାହିଁକି, ଅନ୍ତତଃ ତାଙ୍କର 'ଜଗନଣମନ' କୁ ବିବାଦର ଉର୍ଦ୍ଧ୍ୱରେ ରଖାଯାଉ । ଜନଗଣମନ ସଂଗୀତ ମହାନ୍ ଭାବଧାରା, ସମ୍ବିଧାନ ପ୍ରଣେତା ମାନଙ୍କର ତଥା ମହତ୍ମାଗାନ୍ଧୀ, ନେତାଜୀ ସୁଭାଷଙ୍କ ପରି ନେତାମାନଙ୍କ ବିଜ୍ଞତା, ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଧାନ ସଂଗଠନ ଭାରତୀୟ ଜାତୀୟ କଂଗ୍ରେସର ବିବେଚନା ଆକ୍ଷେପ କରା ନ ଯାଉ । ଅଯଥା ବାଦବିବାଦ ଦ୍ୱାରା ଜାତୀୟ ମର୍ଯ୍ୟାଦାକୁ ନ୍ୟୁନ କରା ନ ଯାଉ । 'ଜନଗଣମନ' ଆମ ଜାତୀୟ ସଂଗୀତ ଭାବେ ମାନ୍ୟତାପ୍ରାପ୍ତ । ସେହି ମାନ୍ୟତାକୁ ଅବମାନନା କରା ନ ଯାଉ ।

* (ସମ୍ବାଦ - ୨୧.୦୧.୧୯୯୩)

Digitized by srujanika@gmail.com

ଜାତୀୟ ବିତର୍କ ଲୋଡ଼ା

ଅଭିନବ ରାୟ (ଭୂପେନ୍ ମହାପାତ୍ର)

ରବୀନ୍ଦ୍ରନାଥଙ୍କ "ଜନ ଗଣ ମନ" ସମ୍ପର୍କରେ କେତେକ ଉକ୍ତି ପ୍ରତିଉକ୍ତି ଏବେ ନିକଟରେ ଦୈନିକ "ସମ୍ବାଦ"ରେ ପ୍ରକାଶ ପାଇଚି । ଏ ବିଷୟରେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କ ଲେଖ (ସମ୍ବାଦ ୨୧.୨.୯୩) ଉଲ୍ଲେଖଯୋଗ୍ୟ । ସେଥିରେ ସେ ଲେଖିଛନ୍ତି "୧୯୫୦ ଜାନୁଆରୀ ୨୦ ତାରିଖରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା "ଜନ ଗଣ ମନ" ଜାତୀୟ ସଂଗୀତ ଭାବେ ଅନୁମୋଦିତ ହୋଇଥିଲା ।" ଏ ତଥ୍ୟ ସେ କୋଉଠୁ ପାଇଲେ ଆମେ ଜାଣୁନା । Constituent Assembly Debate: Official Report Vol.XII & 24.1.1950 ରେ ଯାହା ଲେଖାଅଛି ତାହା ମୁଁ ଏଠାରେ ଉଲ୍ଲେଖ କରୁଛି ।

"There is one matter which has been pending for discussion, namely the question of the National Anthem. At one time it was thought that the matter might be brought up before the House and a decision taken by the House by way a resolution. But it has been felt that, instead of taking a forward decision by means of resolution it is better if I make a statement with regard to the National Anthem, accordingly I make this statement.

The composition consisting the words and music known as 'Jana Gana Mana' is the National Anthem of India, subject to such alterations in the words as the Government may authorise as occasion arises, and the song 'Vande Mataram' which has played a historic part in the struggle for Indian freedom shall be honoured equally with Jana Gana Mana and shall equal status with in. (Applause) I hope this will satisfy the members."

Digitized by srujanika@gmail.com

ଏଥିରୁ ଜଣା ପଡ଼ିଲା ଯେ 'ଜନ ଗଣ ମନ' ବିଷୟରେ ସେତେବେଳେ ମଧ୍ୟ ମତୈକ୍ୟ ନଥିଲା ଯାହାଫଳରେ Constitutioal Assembly ରେ କୌଣସି resoluton ନିଆ ନ ଯାଇ ତତ୍‌କାଳୀନ ରାଷ୍ଟ୍ରପତି ଡ଼ଃ. ରାଜେନ୍ଦ୍ର ପ୍ରସାଦ ଗୋଟିଏ ଷ୍ଟେଟ୍‌ମେଣ୍ଟ ପଢି ଶୁଣାଇ ଦେଇଥିଲେ । ଏହି ଷ୍ଟେଟ୍‌ମେଣ୍ଟରେ ମଧ୍ୟ ଲକ୍ଷ୍ୟ କରାଯାଇପାରେ ଯେ ଜନ ଗଣ ମନ ଅପେକ୍ଷା ବନ୍ଦେ ମାତରମ୍‌କୁ ଅଧିକ ପ୍ରଶଂସା କରାଯାଇଚି । ଜନ ଗଣ ମନର ସ୍ୱାଧୀନତା ଆନ୍ଦୋଳନରେ କିଛି ଭୂମିକା ନଥିଲା ବୋଲି ଷ୍ଟେଟ୍‌ମେଣ୍ଟରୁ ଜଣାଯାଇଚି । ଯାହା ଜଣାପଡୁଚି ସେଇ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଭାବରୁ ସମ୍ବିଧାନ ପ୍ରଣେତାମାନେ ଜନ ଗଣ ମନରେ ପରିବର୍ତ୍ତନ ପାଇଁ ମଧ୍ୟ ରାସ୍ତା ରଖିଗଲେ ଏବଂ ବନ୍ଦେ ମାତରମ୍‌କୁ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରିନେଲେ ।

ତେବେ ସେ ଯା ହେଉ ଶ୍ରୀଯୁକ୍ତ ପଟ୍ଟନାୟକ ଆହୁରି ମଧ୍ୟ ଲେଖିଛନ୍ତି ଯେ "୧୯୧୨ କଲିକତାରେ ଅନୁଷ୍ଠିତ ବ୍ରାହ୍ମସମାଜ ମହୋତ୍ସବ ପାଇଁ ଏହା ରଚିତ ହୋଇ ସେଥିରେ ବ୍ରହ୍ମ ସଂଗୀତ ଭାବେ ଯଦିଓ ଗୀତ ହୋଇଥିଲା ତାହା ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ମଧ୍ୟ ପ୍ରାରମ୍ଭିକ ସଂଗୀତ ଭାବେ ଗାନ କରାଯାଇଥିଲା ।"

ଯଦି ୧୯୧୨ରେ ଏହା ରଚିତ ହେଲା ତେବେ ୧୯୧୧ ରେ କଲିକତା ଅଧିବେଶନରେ କିପରି ଗାନ କରାଗଲା ? ପ୍ରକୃତରେ ଜାତୀୟ କଂଗ୍ରେସ "ଜନ ଗଣ ମନ" କୁ ପ୍ରାରମ୍ଭିକ ସଂଗୀତ ରୂପେ ମଧ୍ୟ କେବେହେଲେ ଗ୍ରହଣ କରିଥିବାର ନଜିର ନାହିଁ । ବରଂ ଇକ୍‌ବାଲଙ୍କ "ସାରେ ଜହାଁ ସେ ଅଚ୍ଛା....." କୁ ବହୁବାର ବୋଲାଯାଇ ଥିବାର ଉଲ୍ଲେଖ ଅଛି । ଠିକ୍ ସେମିତି ଜନ ଗଣ ମନକୁ ସୁଭାଷ ବୋଷ INA ର ପ୍ରଧାନ ସଂଗୀତ ରୂପେ ବାଛି ନେଇଥିଲେ ବୋଲି କୋଉ ସୂତ୍ରରୁ ମିଳିଲା ତାହା ମଧ୍ୟ ଉଲ୍ଲେଖ କରିଥିଲେ ଭଲ ହୋଇଥାଆନ୍ତା ।

ଜାତୀୟ ସଂଗୀତ ବିଷୟରେ ସେତେବେଳେ ବହୁ ପ୍ରସ୍ତାବ ଥିବାର ସମସ୍ତେ ଜାଣନ୍ତି । ଜନ ଗଣ ମନ ସହିତ ଇକ୍‌ବାଲ୍‌ଙ୍କ ସାରେ ଜହାଁ ସେ ଆଚ୍ଛା ଏବଂ ଏପରିକି କବିବର ରାଧାନାଥ ରାୟଙ୍କ "ସର୍ବେଷାଂ....." ମଧ୍ୟ ଏକ ସମୟରେ ପ୍ରସ୍ତାବିତ ହୋଇଥିଲା ବୋଲି କୁହାଯାଏ । ପ୍ରଫୁଲ୍ଲ ବାବୁଙ୍କ ମତ ଅନୁସାରେ ଯଦି ସେଇଟି ବ୍ରହ୍ମ

Digitized by srujanika@gmail.com

ସଂଗୀତ ହିସାବରେ ରଚିତ ହୋଇଥିଲା ତେବେ ତାକୁ ଜାତୀୟ ସଂଗୀତର ମାନ୍ୟତା ଦେବା କେତେ ଦୂର ଯୁକ୍ତିଯୁକ୍ତ ତାହା ଚିନ୍ତା କରିବାର କଥା । ତେଣୁ ତାହା ସେତେବେଳେ ସେମିତି ସନ୍ଦେହର ଜାଲ ଭିତରେ ଛନ୍ଦି ହେଇ ରହିଥିଲା ଏବେ ମଧ୍ୟ ସେମିତି ଅଛି । ଯୋଉ ବିତର୍କ ସେତେବେଳେ ସୃଷ୍ଟି ହୋଇଥିଲା ତାହା ଏବେ ମଧ୍ୟ ଚାଲିଚି । କେଉଁ ଅବସ୍ଥାରେ ଏବଂ କେଉଁ ପରିସ୍ଥିତିର ଚାପରେ ପଡ଼ି ସେତେବେଳର Constituent Assembly ରେ ରାଷ୍ଟ୍ରପତି ଜାତୀୟ ସଂଗୀତ ଉପରେ ଏକ ଷ୍ଟେଟ୍‌ମେଣ୍ଟ୍ ଦେବାକୁ ବାଧ୍ୟ ହୋଇଥିଲେ ସେ କଥା ଏବେ କେବଳ ଐତିହାସିକମାନେ କହି ପାରିବେ । ଜାତୀୟ ସଂଗୀତକୁ ବଦଳ କରିବା କଥା ବା ତାକୁ ଅବମାନନା କରିବା କଥା କେହି କହୁ ନାହାନ୍ତି । କେବଳ ସଂଗୀତଟିର ଐତିହାସିକ ପୃଷ୍ଠଭୂମି ବିଷୟରେ ଆଲୋଚନା ହେଉଚି । ହେବା ଉଚିତ୍ ମଧ୍ୟ । ତେବେ ଯଦି ପରିବର୍ତ୍ତନ ଆବଶ୍ୟକ ହୁଏ ତାକୁ ସ୍ୱାଗତ କରାଯିବ ନାହିଁକି ? ପରିବର୍ତ୍ତନ ପାଇଁ ସମ୍ବିଧାନରେ ରାସ୍ତା ରଖାଯାଇଛି ।

ତେବେ ସମସ୍ତଙ୍କର ମନେ ଥାଇପରେ ଯେ ଏହି ଜାତୀୟ ସଂଗୀତ ପାଇଁ ନୂଆ ଆଇନ୍‌ଟିଏ କରାଯାଇଥିଲା ଲୋକଙ୍କ ମନରେ ଜାତୀୟତାବୋଧ ସୃଷ୍ଟି କରିବା ପାଇଁ । ରାତିରେ ସିନେମା ଶେଷ ହେଲେ ଜାତୀୟ ସଂଗୀତ ଗାନ ହେବ ଏବଂ ସମସ୍ତେ ନିରବରେ ଛିଡ଼ା ହେବେ । କିନ୍ତୁ ପ୍ରକୃତରେ କେହି ଅପେକ୍ଷା କଲେ କି ? ଫଳରେ ସେ ନିୟମ ପୁଣି ବଦଳିଗଲା ।

ତେଣୁ ଆବଶ୍ୟକତାକୁ ଆଖି ଆଗରେ ରଖି ନିୟମ କାନୁନ୍ ଏପରିକି ସମ୍ବିଧାନ ବଦଳେ ଏବଂ ବଦଳୁଚି ମଧ୍ୟ । ଆମେ ସବୁବେଳେ ତାକୁ ସ୍ୱାଗତ କରିଚୁଁ ।

* ସମ୍ବାଦ, ୧୮.୦୩.୧୯୯୩

Digitized by srujanika@gmail.com

'ଜନଗଣ ମନ' ସମ୍ପର୍କରେ ତଥାପି

ମଧୁସୂଦନ ଦାସ

ଜାତୀୟ ସଂଗୀତ 'ଜଗଗଣମନ' ସମ୍ପର୍କରେ ବିତର୍କର ମୁଣ୍ଡି ମାରିଦେବା ଉଦ୍ଦେଶ୍ୟରେ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଜାନୁୟାରୀ ୨୧ ସମ୍ବାଦରେ କେତେକ ଯୁକ୍ତି ଉପସ୍ଥାପନ କରିବା ସଂଗେ ସଂଗେ ଭାବପ୍ରବଣ ହୋଇ ପଡ଼ିଛନ୍ତି ।

୪୨ ବର୍ଷ ପରେ ବିତର୍କ ତାଙ୍କୁ ଅସମୀଚୀନ ମନେ ହୋଇଛି । ୧୪୨ ବର୍ଷ ପରେ ମଧ କୌଣସି ସିଦ୍ଧାନ୍ତ ସମ୍ପର୍କରେ ଚର୍ଚ୍ଚା କରାଯିବାରେ ଅନ୍ୟାୟ କଣ ଥାଇପାରେ ? ଜାତୀୟ ସଂଗୀତ ମର୍ଯ୍ୟାଦାରୁ ବାଦ ଦେବା ଲାଗି ସମ୍ବିଧାନ ସଂଶୋଧନ କରାଯିବା ଦରକାର, ତା' ପୂର୍ବରୁ ଅଯଥା ବିବାଦ କରାଯିବା ଅନୁଚିତ ବୋଲି ସେ କହିଛନ୍ତି । ଯଥେଷ୍ଟ ବିତର୍କ ନ ହେଲେ ସମ୍ବିଧାନ ସଂଶୋଧନ ପର୍ଯ୍ୟନ୍ତ କଥା ଯିବ କେମିତି ? ସମ୍ବିଧାନ ପ୍ରଣୟନ ସଭାର ବିଜ୍ଞ ସଦସ୍ୟମାନଙ୍କୁ ଅସମ୍ମାନ କରିବାର ପ୍ରଶ୍ନ କାହିଁକି ଉଠୁଛି ? ବିଜ୍ଞ ବ୍ୟକ୍ତିମାନେ ଯେତେବେଳେ ଯାହା କରିଥାନ୍ତି, ତାହା ବେଦ ବାକ୍ୟ ନ ହୋଇପାରେ ମଧ । ସେଇଥିପାଇଁ ତ ସମ୍ବିଧାନର ଏତେ ସଂଶୋଧନ ! ସଂଶୋଧନ ହୁଏତ କାଳ ବା ଦଳର ଆବଶ୍ୟକତା । ଗାନ୍ଧିଜୀ ନେହେରୁଙ୍କ ଭଳି ବ୍ୟକ୍ତିମାନେ କେତେକ ବିଷୟରେ ସେମାନଙ୍କର ଭୁଲ ପାଇଁ ପଶ୍ଚାତାପ କରି ନାହାନ୍ତି କି ? କ୍ଷମତା ଭୋଗର ବ୍ୟାକୁଳତା ବଶତଃ ଭାରତ ମାତାଙ୍କର ଅଙ୍ଗଛେଦ କରିବାକୁ ଯେଉଁମାନେ ରାଜି ହୋଇ ଯାଇଥିଲେ, ସେମାନେ ଠିକ୍ କରିଥିଲେ ବୋଲି ଏବେ ସମସ୍ତେ ମାନି ନେଇଛନ୍ତି କି ? ଜାତୀୟତାବାଦୀ ସ୍ୱରର କଣ୍ଠରୋଧର ଅନେକ ନମୁନା ରହିଛି ।

ସେତେବେଳର ରାଜନୈତିକ ସିଦ୍ଧାନ୍ତ ଉପରେ ବଙ୍ଗାଳୀ ନେତାମାନଙ୍କର ନିଜ ମତ ଲଦିଦେବାର କ୍ଷମତା ଥିଲା । ବ୍ରିଟିଶ୍‌ରାଜ ଭକ୍ତ ରବୀନ୍ଦ୍ରନାଥ ନିଜେ ବଞ୍ଚି ରହି 'ଜଗ ଗଣ ମନ' ନିର୍ବାଚନ ଲାଗି ପ୍ରଭାବ ବିସ୍ତାର କରିବା ଆବଶ୍ୟକ ନଥିଲା ।

Digitized by srujanika@gmail.com

'ସାର୍ଥକ ଜନମ ଆମାର' ଭଳି ଗୀତ କେମିତି ବଛା ହୁଅନ୍ତା ? ବଙ୍ଗଳା ଗୀତ ବୋଲି ଅତି ସ୍ପଷ୍ଟ ଜଣା ପଡୁଥିବାରୁ ବିରୋଧ ହୁଅନ୍ତା । ସେ ଦୃଷ୍ଟିରୁ 'ଜନ ଗଣ ମନ' ହିନ୍ଦୀ, ଓଡ଼ିଆ, ଆସାମୀ ଇତ୍ୟାଦି ଭାଷାଭାଷୀଙ୍କ ପକ୍ଷେ ଗ୍ରହଣଯୋଗ୍ୟ । ସମ୍ବିଧାନ ପ୍ରଣୟନ ସଭାର କେହି ସଦସ୍ୟ ଜାଣିଥିଲେ ସୁଦ୍ଧା ଏହା ପଞ୍ଚମ ଜର୍ଜଙ୍କ ଉଦ୍ଦେଶ୍ୟରେ ଲେଖା ବୋଲି କହିବାକୁ ସାହସ କରି ନଥାଇ ପାରନ୍ତି । ସେତେବେଳେ ଏବଂ ପରବର୍ତ୍ତୀ ବହୁ କାଳ ପର୍ଯ୍ୟନ୍ତ ତୁଙ୍ଗ ନେତୃତ୍ୱ ପ୍ରତି କି ପ୍ରକାର ଭୟ ଥିଲା, ଜଣାଶୁଣା କଥା ।

କୌଣସି ପାର୍ଥିବ ରାଜାଙ୍କୁ ପରମ ଭକ୍ତିବଶତଃ ଈଶ୍ୱର ରୂପେ ବର୍ଣ୍ଣନା କରିବା ନଜିର ବିହୀନ କଥା ନୁହେଁ । ଜମିଦାରଙ୍କୁ 'ମହାରାଜ' ସମ୍ବୋଧନ ପରମ୍ପରା ତ ଫେର୍ ଥିଲା । ସ୍ତୁତିବାଦର ସଂକୀର୍ଣ୍ଣ ଗଣ୍ଡି ଭିତରେ ଆବଦ୍ଧ କରିବା କଥାଟା ପ୍ରଫୁଲ୍ଲ ବାବୁଙ୍କୁ ଅସମ୍ଭବ ମନେ ହୋଇଛି । ବ୍ୟକ୍ତିଗତ ଅଭିଜ୍ଞତା ଦେବାକୁ ଯାଇ ତାଙ୍କର ବର୍ତ୍ତମାନ ବୟସ ୬୦ ବର୍ଷ ଏବଂ ତାଙ୍କ ବାପା ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କୁ 'ବନ୍ଦେ ମାତରମ୍' ଓ 'ଜନଗଣ ମନ' ଶିକ୍ଷା ଦେଇଥିବା କଥା ଲେଖିଛନ୍ତି । 'ପ୍ରଜାତନ୍ତ୍ର' ର ପୂର୍ବତନ ସମ୍ପାଦକ ବିଶିଷ୍ଟ ସାମ୍ବାଦିକ ସ୍ୱର୍ଗତ ଶ୍ରୀହର୍ଷ ମିଶ୍ର ବଞ୍ଚିଥିଲେ ତାଙ୍କୁ କେତେ ବୟସ ହୋଇଥାନ୍ତା ? ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ସ୍ମୃତିଚାରଣରେ ଲେଖିଛନ୍ତି ଯେ ଇଂରେଜ ଜେଲ୍‌ରେ 'ଜନଗଣମନ' ଗାଇବାକୁ ବାଧ କରୁଥିଲେ । କାହିଁକି ସ୍ୱାଧୀନତା ପୂର୍ବରୁ ଭାରତୀୟମାନଙ୍କୁ କଅଣ ସେମାନେ ଆଧ୍ୟାତ୍ମିକତା ନା ଦେଶଭକ୍ତି ଜବରଦସ୍ତ ଶିକ୍ଷା ଦେବାକୁ ଚାହୁଁଥିଲେ ?

'ଜନଗଣମନ' ଗାଉ ଗାଉ କେତେ ଜଣ ସଂଗ୍ରାମୀ ଶହୀଦ୍ ହୋଇଛନ୍ତି ? 'ବନ୍ଦେ ମାତରମ୍' ସିନା ମୁକ୍ତି ସଂଗ୍ରାମର ମନ୍ତ୍ର ହୋଇଥିଲା, ମାତ୍ର ଏହା ପ୍ରତିଯୋଗିତାରେ ପଛରେ ପଡ଼ିଯିବାର କାରଣ ଅଛି । ଭାରତକୁ ଏଥିରେ ମାତୃମୂର୍ତ୍ତି ରୂପେ କଳ୍ପନା କରାଯାଇଛି । ଫଳରେ ଦୁଇଟି କାରଣରୁ ମୌଳବାଦୀ ମୁସଲମାନ ନେତୃମଣ୍ଡଳୀ ଦ୍ୱାରା ଏହା ପ୍ରତ୍ୟାଖ୍ୟାନ ହୋଇଛି । ପ୍ରଥମତଃ 'ବୁତ୍‌ପରସ୍ତି' ବା ମୂର୍ତ୍ତି ପୂଜାର ଗନ୍ଧ ବାହାରିଛି । ଦ୍ୱିତୀୟତଃ ସେମାନେ ଏ ଦେଶକୁ କେବେ ମାତୃଭୂମି ବୋଲି ବିଚାରି ନଥିବାରୁ, ବରଂ ସେମାନଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ବିଜିତ ଦେଶ 'ଦାରୁଲ୍ ହାରବ୍' ବା ଇସ୍‌ଲାମ୍ ପ୍ରତିଷ୍ଠା ଲାଗି ଯୁଦ୍ଧଭୂମି ଭାବେ ଚିନ୍ତା କରିଥିବାରୁ ସେମାନେ ମାତୃବନ୍ଦନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

Digitized by srujanika@gmail.com

ସେମାନଙ୍କୁ ତୋଷାମତ, ତୋଷଣ କରିବା ପରମ୍ପରା ସେ କାଳର ପରମ ନେତାମାନଙ୍କ ଅମଳରୁ ଆରମ୍ଭ ହୋଇ ଯାଇଥିଲା । 'ବନ୍ଦେ ମାତରମ୍' ର ଦ୍ୱିତୀୟ ପରାଜୟ ଏବେ ସଂସଦରେ କିପରି ଭାବରେ ହୋଇଗଲା, ଏ ପରିପ୍ରେକ୍ଷୀରେ ବିଚାର୍ଯ୍ୟ ।

ଭାରତରେ କିଏ, କାହା ପାଖରେ, କଅଣ ପାଇଁ, କିପରି ଭାବରେ ଆଣ୍ଠେଇ ପଡୁଛି, ଏହା ଦେଖି ବିଶ୍ୱ ଜନମତ ହସୁ ନାହିଁ କି ? ଆମେ ଯଦି ଜାତୀୟ ସଂଗୀତ ପରିବର୍ତ୍ତନ ଉଦ୍ଦେଶ୍ୟରେ ବିତର୍କ କରୁଁ ବିଶ୍ୱବାସୀ ଆମକୁ ଉପହାସ କରିବେ ? 'ପଞ୍ଜାବ ସିନ୍ଧୁ... ବଙ୍ଗ' ବନ୍ଦନା ଘୋଷି ଦେବା ଦ୍ୱାରା ଆମ ନିଜ ପ୍ରତି ଥିବା ଥଟ୍ଟା କଲାଭଳି ଲାଗୁ ନାହିଁ କି ? ଏଇ ଘୋଷା ଶୁଣି ତ ବିଶ୍ୱବାସୀ ହସିବା କଥା । ଯୋଗୀ ଅରବିନ୍ଦଙ୍କ ଭଳି ଦେଶଭକ୍ତ ଦିବ୍ୟ ଜ୍ଞାନୀଙ୍କ ଅଖଣ୍ଡ ଭାରତ କଳ୍ପନାକୁ ସିଧାସଳଖ ବାତିଲ କରା ଯାଉଥିବାବେଳେ ଏ ଦେଶର ଜାତୀୟ ସଂଗୀତରେ ଆଜନ୍ମ ଶତ୍ରୁ ଦେଶ ପାକିସ୍ଥାନ ଅନ୍ତର୍ଗତ 'ସିନ୍ଧୁ' ପ୍ରଦେଶର ନାମ ଗାନ ଅବାନ୍ତର ନୁହେଁ କି ?

କେବେ କୌଣସି ଦେଶରେ ଯଦି ବି ଜାତୀୟ ସଂଗୀତ ବଦଳାଯାଇ ନଥାଏ, ଯୁକ୍ତିଯୁକ୍ତ କାରଣରୁ ଆମ ଦେଶରେ ପରିବର୍ତ୍ତନ କରି ନଜିର ରଖିବାରେ ବାଧା କ'ଣ ? ନଜିରକୁ ଚାହିଁ ତ ସବୁ ହୁଏ ନାହିଁ । ନୂତନ ଘଟଣା ବି ଘଟେ ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦ
ଓଡ଼ିଆ ପ୍ରାନ୍ତ ଆବାହକ, ବାସୁଦେବପୁର
ବାଲେଶ୍ୱର - ୭୫୬୧୨୫

* (ସମ୍ବାଦ - ୧୮.୦୩.୨୦୦୩)

Digitized by srujanika@gmail.com

ବିବାଦର ଉର୍ଦ୍ଧ୍ୱରେ

ରବୀନ୍ଦ୍ରନାଥ ଓ ଜାତୀୟ ସଂଗୀତ

ବାଞ୍ଛାନିଧି ଦାସ

ଭାରତର ସ୍ୱାଧୀନତା ପରେ ପରେ 'ଜନଗଣ ମନ ଅଧିନାୟକ' ସଂଗୀତକୁ ଜାତୀୟ ସଂଗୀତ ଆସନରୁ ଅପସାରିତ କରିବା ପାଇଁ ବିଭିନ୍ନ ମହଲରୁ ବିଭିନ୍ନ ପରିପ୍ରେକ୍ଷୀରେ ଦାବୀମାନ କରାଯାଉଛି । କେଉଁ ପରିସ୍ଥିତିରେ ଓ କି ପ୍ରକାର ବିବେଚନା ନେଇ କବିଗୁରୁଙ୍କ ରଚିତ ଏହି ଗାନକୁ ଜାତୀୟ ସଂଗୀତ ରୂପେ ବଛାଗଲା, ତାହା ସମସ୍ତଙ୍କୁ ଜଣା ଅଧିକେ ଜଣା । କେବଳ ବିଶ୍ୱ-କବିଙ୍କ 'ଜନଗଣମନ' ନୁହେଁ ତାଙ୍କ ରଚିତ ଅନ୍ୟ ଏକ ସଂଗୀତ 'ଆମାର ସୋନାର୍ ବାଂଗ୍ଲା, ଆମି ତୁମାୟ ଭାଲ ବାସି' ବଙ୍ଗଳା ଦେଶର ଜାତୀୟ ସଂଗୀତ ରୂପେ ଗୃହୀତ ହୋଇଛି । ଜଣେ କବିଙ୍କର ଦୁଇଟି ଗୀତ ଦୁଇଟି ଦେଶର ଜାତୀୟ ସଂଗୀତ ହେବା କମ୍ ଗୌରବର କଥା ନୁହେଁ ।

ପ୍ରଶ୍ନ ଉଠେ, ଏଇ ଭାରତ ଭାଗ୍ୟ ବିଧାତା ଜଣକ କିଏ ? ସେ ଜଣେ ବ୍ୟକ୍ତି କି ? ଅବା ସେ ଭାରତମାତା ? ଅଥବା ପଞ୍ଚମ ଜର୍ଜ ବା ଅଷ୍ଟମ ଏଡ୍ଓ୍ୱାର୍ଡ ? ମହାରାଜା ଅଷ୍ଟମ ଏଡ୍ଓ୍ୱାର୍ଡଙ୍କୁ ଲକ୍ଷ୍ୟ କରି ଏହି ପ୍ରଶସ୍ତି କବିତା ରଚିତ ହୋଇଥିଲା ବୋଲି କେତେକ ଆରୋପ କରନ୍ତି । କିନ୍ତୁ ଏ ଆରୋପର କୌଣସି ସତ୍ୟତା ନାହିଁ । କବିତାର ମୂଳନାମ ହେଲା "ଭାରତ ବିଧାତା" । ଏ କବିତା ସମ୍ପର୍କରେ 'ସଞ୍ଚୟିତା' ରେ ଟିପ୍ପଣୀ ଦିଆଯାଇଛି - 'ଗୀତମାଲ୍ୟେର ପୂର୍ବବର୍ତ୍ତୀ ଏଇ ରଚନାଟି ବଷରେର୍ ମାଘୋସବେ ଗୀତ ହୟ । ତତ୍‌ପୂର୍ବେ ୧୩୧୫ ସାଲେର୍ କଂଗ୍ରେସ ଅଧିବେଶନେ ଗାଓୟା ହଇୟାଛିଲ୍ ।" (ପୃ:୮୮୦) ଗୀତଟି ଯେ ଜାତୀୟ ଉଦ୍‌ବୋଧନୀମୂଳକ ରଚନା ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତେବେ ଏ ଭାରତ ଭାଗ୍ୟ ବିଧାତା ଜଣକ କିଏ ? ସେ କ'ଣ ଗାନ୍ଧୀ ?

ଗାନ୍ଧୀଙ୍କ ସହିତ ରବୀନ୍ଦ୍ର ନାଥଙ୍କର ସାକ୍ଷାତ ଓ ପତ୍ରାଳାପ ହୋଇଛି ବହୁବାର ।

Digitized by srujanika@gmail.com

ଗାନ୍ଧୀଙ୍କ ବିଚାର ସହିତ ରବୀନ୍ଦ୍ରଙ୍କର ବିଚାର ଅନେକ ସ୍ଥାନରେ ମେଳି ଯାଇଛି ଓ ଅନେକ ସ୍ଥାନରେ ମୌଳିକ ଭାବେ ପୃଥକ୍ ବୋଲି ଜଣାପଡ଼ିଛି । ଗାନ୍ଧୀଙ୍କ ଜୀବଦ୍ଦଶାରେ ସେ ଭାରତ ଭାଗ୍ୟ ବିଧାତା ବୋଲି କହି ତାଙ୍କୁ ସୂଚିତ କରିଥିଲେ, ସେ ବିନୟର ସହିତ ତାହା ପ୍ରତ୍ୟାଖ୍ୟାନ କରିଥାନ୍ତେ । ପ୍ରକୃତରେ ଏତେ ଉପାଧି, ସମ୍ମାନ ବୋହିବାକୁ ଗାନ୍ଧୀଙ୍କ କାନ୍ଧ ସମର୍ଥ ନଥିଲା । ଯିଏ ଏକାଧାରରେ ଜନଗଣ ମଙ୍ଗଳ ଦାୟକ ଜନଗନଐକ୍ୟ ବିଧାୟକ, ଜନଗନ ପଥପରିଚାୟକ, ଜନଗନ ଦୁଃଖତ୍ରାୟକ ହୋଇ ପାରିବ ସେ ହୋଇପାରିବ ଭାରତ ଭାଗ୍ୟ ବିଧାତା । ଗାନ୍ଧୀ ଏ ତୁଳନାରେ ଜଣେ କ୍ଷୁଦ୍ର ମାନବମାତ୍ର । ହୁଏତ ଏସବୁ ସଦ୍‌ଗୁଣର କିଞ୍ଚିତ ଉନ୍ମେଷ ଘଟିଥିଲା ଗାନ୍ଧୀଙ୍କ ମଧ୍ୟରେ । ତେଣୁ 'ଜାତିର ପିତା' ପଦବୀ ପାଇଁ ଗାନ୍ଧିଜୀ ଯୋଗ୍ୟ କିନ୍ତୁ 'ଭାରତ ଭାଗ୍ୟବିଧାତା' ପାଇଁ ନୁହେଁ ।

ଭାରତକୁ 'ମାତା' ବୋଲି ପ୍ରଥମେ ସମ୍ବୋଧନ କରିଥିଲେ ସ୍ୱାମୀ ବିବେକାନନ୍ଦ । କବି ହେନେରୀ ଡିରେଜିଓ 'ମଦର ଇଣ୍ଡିଆ' କବିତାରେ ସେଇ ମର୍ମବାଣୀକୁ ତୋଳି ଧରିଥିଲେ । "ଓ ଆମାର୍ ଦେଶେର୍ ମାଟି" ସଂଗୀତରେ ରବୀନ୍ଦ୍ରନାଥ ଜନ୍ମଭୂମିକୁ 'ମାତାର ମାତା' ବୋଲି ଅଭିହିତ କରିଛନ୍ତି । 'ଭାରତ ବିଧାତା' ରେ ଦୁଃସ୍ୱପ୍ନେ ଆତଙ୍କେ ରକ୍ଷା କରିଲେ ଅଙ୍କେ । "ସ୍ନେହମୟୀ ତୁମ ମାତା" ବୋଲି "ଭାରତ ବିଧାତା" କୁ କହିଛନ୍ତି ।

ତେବେ କ'ଣ "ଭାରତ ବିଧାତା" ହେଉଛନ୍ତି ଜନ୍ମଭୂମି ଆକୁମାରୀ ହିମାଚଳ ଆମର ପ୍ରିୟ ଭାରତବର୍ଷ ? କୌଣସି ଭୌଗଳିକ ଭୂଖଣ୍ଡକୁ, ରାଜନୈତିକ ସୀମା ସରହଦ ଚିହ୍ନିତ ଅଞ୍ଚଳକୁ ସତେ କ'ଣ ଏମିତି ବର୍ଣ୍ଣନା କରି ପାରନ୍ତି କବିଗୁରୁ ? ଏହା ସନ୍ଦେହଜାତ କରେ । କେବଳ ନିକୃଷ୍ଟ କବି ଆଗରେ ସ୍ଥୁଳତା ହିଁ ଭାବମୟ ହୋଇ ବିରାଜମାନ କରିପାରେ । କିନ୍ତୁ ରବୀନ୍ଦ୍ରନାଥଙ୍କ ବର୍ଣ୍ଣନା ଅତ୍ୟନ୍ତ ସୂକ୍ଷ୍ମଓ ଗଭୀର ଭାବାଶ୍ରୟୀ । ପୁଣି "ତ୍ୱମେବ ମାତା, ପିତା ତ୍ୱମେବ" ବର୍ଣ୍ଣନାରେ ପ୍ରାଚୀନ ଆର୍ଯ୍ୟ କବିଙ୍କ ଆଗରେ ପରମ କାରୁଣିକ ଭଗବାନ ମାତା, ପିତା, ଭ୍ରାତା, ଭଗିନୀ, ସଖା, ସହୋଦର ରୂପରେ ପ୍ରତିଭାତ ହୋଇଛନ୍ତି । ତେଣୁ 'ସ୍ନେହମୟୀ ତୁମି ମାତା' ଆକ୍ଷରିକ ଅର୍ଥରେ କୌଣସି ନାରୀକୁ ଲକ୍ଷ୍ୟ କରି କୁହାଯାଇନାହିଁ ।

ତେବେ କିଏ ସେ ଭାରତ ବିଧାତା ? ତାଙ୍କର ଉଦାର ଆହ୍ୱାନ ଅହରହ ଏ

Digitized by srujanika@gmail.com

ଧରାଧାମରେ ପ୍ରଚାରିତ - ତାଙ୍କର ଉଦାରବାଣୀ ଶୁଣିବା ନିମନ୍ତେ "ପୁରୁବ ପଶ୍ଚିମ ଆସେ, ତବ ସିଂହାସନ ପାଶେ" । ତାଙ୍କର ଜୟଯାତ୍ରାରେ ହିନ୍ଦୁ, ବୌଦ୍ଧ, ଜୈନ, ପାରସିକ୍, ମୁସଲମାନ ଓ ଖ୍ରୀଷ୍ଟିୟାନ ସାମିଲ ହୋଇଛନ୍ତି । ସେ ପୁଣି ଭାରତର ଯୁଗ ଯୁଗ ଧରି ପତନ ଅଭ୍ୟୁଦୟ ବନ୍ଧୁର ପଥରେ ସୁଖ ଦୁଃଖର ଗତି ସହିତ ଓତପ୍ରୋତଃ ଭାବେ ଜଡ଼ିତ । ସେ ଏ ଯାତ୍ରାର ମଧ୍ୟ "ଚିର ସାରଥୀ" ତାଙ୍କ "ରଥଚକ୍ରେ ମୁଖରିତ ପଥ ଦିନ ରାତ୍ରି" । ରବୀନ୍ଦ୍ର ନାଥଙ୍କ "ସାରଥୀ" ଶବ୍ଦର ପ୍ରୟୋଗ କିନ୍ତୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଏ ସାରଥୀ ସ୍ୱୟଂ ଶ୍ରୀକୃଷ୍ଣ ।

ପୁଣି ରବୀନ୍ଦ୍ରନାଥ ନିଜ ସୂଚନାକୁ ପୁଷ୍ଟ କରିବା ନିମନ୍ତେ ତାହାରି ତଳ ପାଦରେ ଲେଖୁଛନ୍ତି - "ଦାରୁନ୍ ବିପ୍ଲବ ମାଝେ - ତବ ଶଙ୍ଖଧ୍ୱନି ବାଜେ" । "ଶଙ୍ଖଧ୍ୱନି" ଶବ୍ଦ ପ୍ରୟୋଗ କରି ନାୟକ ଯେ ପ୍ରକୃତରେ ଶ୍ରୀକୃଷ୍ଣ ଏ କଥାକୁ କବି ନିଶ୍ଚିତ କରି ଯାଇଛନ୍ତି । ଉତ୍‌ଥାନ ପତନ, ନିପୀଡ଼ନର ଶୀକାର ମହାଭାରତୀୟ ମାନସିକତାରେ ଶ୍ରୀକୃଷ୍ଣ ତଥାପି ବଞ୍ଚିଛନ୍ତି । ରବୀନ୍ଦ୍ରନାଥ ଏହାକୁ ହିଁ ଲକ୍ଷ୍ୟ କରିଛନ୍ତି - "ଘୋର ତମିର ଘନ ନିବିଡ଼ ନିଶିଥେ ପୀଡ଼ିତ ମୂର୍ଚ୍ଛିତ ଦେଶେ । ଜାଗ୍ରତ ଛିଲ ତବ ଅବିଚଲ୍ ମଙ୍ଗଲ ନତ ନୟନେ ଅନିମେଷେ ।" ସେହି ଶ୍ରୀକୃଷ୍ଣ ହିଁ ଯଥାର୍ଥରେ ରାଜକେଶ୍ୱର । ସେ ପୁଣି ଭାରତର ଭାଗ୍ୟ-ଭବିତବ୍ୟ । ସେ ପୁରୁବ ଓ ପଶ୍ଚିମର ମିଳନ ବିନ୍ଦୁ । ପଶ୍ଚିମ ଏସିଆର କାଳଯବନ ପୂର୍ବାଚଳର ଜରାସନ୍ଧକୁ ଯିଏ ଦମନ କରିଥିଲେ, କଂସକୁ ଯିଏ ନିଧନ କରିଥିଲେ ସେଇ ଶ୍ରୀକୃଷ୍ଣଙ୍କ ଜୟଗାନ ବସ୍ତୁତଃ କବିଗୁରୁ କରି ଯାଇଛନ୍ତି ।

ପ୍ରେମମୟ ଶ୍ରୀକୃଷ୍ଣଙ୍କୁ ଆଜି ବ୍ୟାଖ୍ୟା କରିବାର ବେଳ ଆସିଛି । ଯିଏ ଗୋପପୁର ପରି ଗ୍ରାମ୍ୟ ଭିତ୍ତିକ ସଭ୍ୟତାର ପକ୍ଷପାତୀ, ଯିଏ ଦୁଷ୍ଟର ଦଳନ ପାଇଁ ଯୁଗେ ଯୁଗେ ନବ ନବ ଅବତାର ଧରି ଆବିର୍ଭୂତ ହେବାକୁ ପ୍ରତିଶ୍ରୁତିବଦ୍ଧ, ଚନ୍ଦ୍ରସୂର୍ଯ୍ୟ, ନକ୍ଷତ୍ରାଦିର ଜନ୍ମ ପୂର୍ବରୁ ଯାହାଙ୍କ ବିଶ୍ୱରୂପ କେବଳ ମହାକବି ବେଦବ୍ୟାସଙ୍କର ସମୟ ବର୍ଣ୍ଣନାରେ ଧରା ଦେଇପାରେ, ସେଇ ଶ୍ରୀକୃଷ୍ଣ କବିଗୁରୁଙ୍କ ଦୃଷ୍ଟିରେ ହୋଇ ଉଠିଛନ୍ତି ଭାରତଭାଗ୍ୟ ବିଧାତା ।

ଜୀବନବୀମା, ସି.ଟି. ବ୍ରାଞ୍ଚ, ଭୁବନେଶ୍ୱର

* (ସମ୍ବାଦ - ୧୮.୦୩.୧୯୯୩)

Digitized by srujanika@gmail.com

ଶଙ୍କରାଚାର୍ଯ୍ୟ ବିବାଦ ବନାମ୍ ନାଗରିକ ଅଧିକାର

ଜାନକୀ ବଲ୍ଲଭ ପଟ୍ଟନାୟକ

ଆଦି ଶଙ୍କରାଚାର୍ଯ୍ୟ ପଦବ୍ରଜରେ ସମସ୍ତ ଭାରତବର୍ଷ ପରିଭ୍ରମଣ କରି ସନାତନ ଧର୍ମର ପୁନଃପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ଦେଶର ଏକତା ଏବଂ ଅଖଣ୍ଡତାକୁ ଦୃଷ୍ଟିରେ ରଖି ସେ ଭାରତବର୍ଷର ଉତ୍ତର, ଦକ୍ଷିଣ, ପଶ୍ଚିମ ଏବଂ ପୂର୍ବ ଚତୁର୍ଦ୍ଦିଗରେ ଚାରୋଟି ପ୍ରଧାନ ପୀଠ ସ୍ଥାପନ କରିଥିଲେ । ଉତ୍ତରରେ ବଦ୍ରିନାଥ ନିକଟରେ ଯୋଶୀମଠ, ଦକ୍ଷିଣରେ ଶୃଙ୍ଗେରି, ପଶ୍ଚିମରେ ଦ୍ୱାରକାପୀଠ ଓ ପୁରୀଧାମରେ ଗୋବର୍ଦ୍ଧନପୀଠ । ତାଙ୍କର ପ୍ରଧାନ ଶିଷ୍ୟମାନେ ଏହି ଚାରୋଟି ମଠର ଦାୟିତ୍ୱ ଗ୍ରହଣ କରିଥିଲେ । ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନରେ ଶଙ୍କରାଚାର୍ଯ୍ୟଙ୍କ ନାମରେ ମଠ ସ୍ଥାପିତ ହୋଇଛି ଏବଂ ସେ ସବୁ ସ୍ଥାନକୁ ଶଙ୍କରାଚାର୍ଯ୍ୟ ଯାଇଥିବା ହେତୁ ଏହି ମଠାଧୀଶମାନେ ନିଜକୁ ଶଙ୍କରାଚାର୍ଯ୍ୟ ରୂପରେ ପରିଚିତ କରାଇ ଆସୁଛନ୍ତି, ଯେପରିକି କାଞ୍ଚି କାମକୋଟିର ଶଙ୍କରାଚାର୍ଯ୍ୟ ଏବଂ କାଶୀର ଶଙ୍କରାଚାର୍ଯ୍ୟ । ଏପିରିକି ଭୁବନେଶ୍ୱରରେ ମଧ ଶଙ୍କରାଚାର୍ଯ୍ୟ ମଠରେ ଜଣେ ଶଙ୍କରାଚାର୍ଯ୍ୟ ଅଛନ୍ତି । ସନାତନ ଧର୍ମର ପ୍ରଚାର ପାଇଁ ଏବଂ ଦେଶର ସଂହତି ରକ୍ଷା ପାଇଁ ଏହି ମଠମାନେ କାର୍ଯ୍ୟ କରି ଆସୁଛନ୍ତି ।

ବର୍ତ୍ତମାନ ପୁରୀ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଏକ ଅହେତୁକ ବିବାଦ ସୃଷ୍ଟି ହୋଇଛି । ଏବେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ହେଉଛନ୍ତି ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ । ରାଜ୍ୟର ଦେବୋତ୍ତର ବିଭାଗ ତାଙ୍କୁ ପୁରୀ ମଠର ମଠାଧୀଶ ଭାବେ ସ୍ୱୀକୃତି ଦେଇଛନ୍ତି । ସେମାନେ ନିଶ୍ଚୟ ଆବଶ୍ୟକ କାଗଜପତ୍ର ଦେଖି ତାଙ୍କୁ ସ୍ୱୀକୃତି ଦେଇଥିବେ । ତେଣୁ ଲୋକଙ୍କ ମଧ୍ୟରେ ସେ ଶଙ୍କରାଚାର୍ଯ୍ୟ ରୂପେ ପରିଚିତ ଓ ପ୍ରତିଷ୍ଠିତ ।

Digitized by srujanika@gmail.com

ଏ ମଧ୍ୟରେ ଶ୍ରୀ ଅଧୋକ୍ଷଜାନନ୍ଦ ଦେବତୀର୍ଥ ନାମରେ ଜଣେ ସାଧୁ ପୁରୀର ପୂର୍ବତନ ଶଙ୍କରାଚାର୍ଯ୍ୟ ଶ୍ରୀ ନିରଞ୍ଜନ ଦେବତୀର୍ଥଙ୍କର ମନୋନୀତ ପ୍ରକୃତ ଉତ୍ତରାଧିକାରୀ ବୋଲି ନିଜକୁ ଦାବି କରୁଛନ୍ତି । ନିରଞ୍ଜନ ଦେବତୀର୍ଥ ତାଙ୍କର ଶେଷ ଜୀବନରେ କାଶୀବାସ କରୁଥିବାବେଳେ ତାଙ୍କୁ କିପରି ଏହି ପଦ ପାଇଁ ମନୋନୀତ କଲେ, କାଶୀ ବିଦ୍ୱତ ପରିଷଦ କିପରି ତାହା ଅନୁମୋଦନ କଲେ, ପ୍ରୟାସ ଅର୍ଦ୍ଧକୁମ୍ଭମେଳାରେ ମଠ ନ୍ୟାୟ ମହାନୁଶାସନ ଅନୁଯାୟୀ ସେଠାରେ ତାଙ୍କୁ କିପରି ଅଭିଷିକ୍ତ କରାଗଲା, ପୁରୀ ପୀଠର ପ୍ରାମାଣିକ ଅଧିଷ୍ଠାତା ଦେବତା ଚନ୍ଦ୍ରମୌଳୀଶ୍ୱରଙ୍କର ମୂର୍ତ୍ତି କିପରି ପୀଠସ୍ୱାମୀ ନିରଞ୍ଜନଦେବ ତାଙ୍କୁ ପ୍ରଦାନ କଲେ ଏବଂ ୧୯୯୬ ମସିହାରେ ମୃତ୍ୟୁର କିଛିଦିନ ପୂର୍ବରୁ ସ୍ୱାମୀ ନିରଞ୍ଜନ ଦେବତୀର୍ଥ ଦଲିଲ୍ କରି ତାଙ୍କୁ ପ୍ରକୃତ ଉତ୍ତରାଧିକାରୀ ରୂପେ ଘୋଷଣା କଲେ ଓ ସେ ଦଲିଲ ବିଦ୍ୱତ ପରିଷଦର ଅନୁମୋଦନ, ଅର୍ଦ୍ଧକୁମ୍ଭମେଳାରେ ତାଙ୍କର ଅଭିଷେକ ଆଦିର ପ୍ରମାଣପତ୍ର ଏବଂ ପୁରୀପୀଠର ପରମ୍ପରା ଦେବତୀର୍ଥ ଉପାଧି ଧରି ସେ କିପରି ଶଙ୍କରାଚାର୍ଯ୍ୟ ବୋଲି ଦାବି କରୁଛନ୍ତି, ତାହା ସବୁ ପ୍ରକାଶିତ ହୋଇଛି । ଏହା ସବୁ ଧରି ସେ ଶଙ୍କରାଚାର୍ଯ୍ୟ ହେଇଯିବେ ବୋଲି ଆମେ ଚାହୁଁନାହୁଁ । ତାଙ୍କର ଶଙ୍କରାଚାର୍ଯ୍ୟ ହେବାର ଯଦି ବଳିଷ୍ଠ ପ୍ରମାଣ ଅଛି, ତାହା କୋର୍ଟ କଚେରୀ ଦ୍ୱାରା ସେ ସାବ୍ୟସ୍ତ କରିବେ ।

ବର୍ତ୍ତମାନ ସୀମିତ ପ୍ରଶ୍ନ ହେଉଛି ସେ ପୁରୀ ଆସି ପାରିବେ କି ନାହିଁ, ପୁରୀରେ ରହି ପାରିବେ କି ନାହିଁ, ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପାରିବେ କି ନାହିଁ ? ସେ କହନ୍ତି ଯେ, ସେ କେବଳ ଚାତୁର୍ମାସ ବ୍ରତ ପାଳନ କରିବା ପାଇଁ ପୁରୀ ଆସିଛନ୍ତି । ସେଠାରେ ରହି ସେ ତାଙ୍କର ବ୍ରତ ପାଳନ କରିବେ ଏବଂ ଯେତେବେଳେ ଚାହିଁବେ ଜଗନ୍ନାଥଙ୍କ ଦର୍ଶନ କରିବେ । ତାଙ୍କର ଦାବୀ ସାବ୍ୟସ୍ତ କରିବା ପାଇଁ ସେ ଗୋବର୍ଦ୍ଧନ ପୀଠକୁ ଯିବେ ନାହିଁ । ପୁରୀରେ କୌଣସି ସଭା ସମିତି କିମ୍ବା ଆନ୍ଦୋଳନ କରିବେ ନାହିଁ । କେବଳ ଜଣେ ଧର୍ମପ୍ରାଣ ନାଗରିକ ଭାବରେ ସେ ପୁରୀରେ ଅବସ୍ଥାନ କରି ବ୍ରତ ପାଳନ କରିବେ । ଏଥିରେ ପୁରୀ ପ୍ରଶାସନର କ'ଣ ଆପତ୍ତି ଥାଇପାରେ ତାହା ବୁଝାପଡୁନାହିଁ । ବର୍ତ୍ତମାନ ପୁରୀ ପ୍ରଶାସନ ପକ୍ଷରୁ ସେ ପୁରୀରେ ରହି ପାରିବେ ନାହିଁ ବୋଲି ୧୪୪ ଧାରା ଜାରି କରାଯାଇ ତାଙ୍କୁ ସେଠାରୁ ବିତାଡ଼ିତ କରାଯାଇଛି ।

ସେ ଗତ ୧୫ ତାରିଖ ଦିନ ପୁରୀରେ ପହଞ୍ଚି ଯେଉଁ ଗୃହରେ ରହୁଥିଲେ ଏବଂ ଗୁହ

Digitized by srujanika@gmail.com

ଦ୍ୱାରରେ ତାଙ୍କର ବ୍ରତ ଆରମ୍ଭ କରିଥିଲେ, ପୁଲିସ୍ ତାଙ୍କ ଉପରେ ୧୪୪ ଧାରା ଆଦେଶ ଜାରି କରିବା ପାଇଁ ବଳପୂର୍ବକ କବାଟ ଭାଙ୍ଗି ଗୃହ ମଧ୍ୟରେ ପ୍ରବେଶ କଲେ, ସେ ୧୪୪ ଧାରା ଆଦେଶକୁ ଚିରିଦେବା ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କଲେ, ଏବଂ ପରେ ତାଙ୍କୁ ପୁରୀ ସହର ସୀମା ପାର କରି ଦିଆଗଲା । ପୁରୀ ପ୍ରଶାସନର ଏପରି କାର୍ଯ୍ୟ ଏହା ପ୍ରଥମ ନୁହେଁ । ପୂର୍ବରୁ ଏହି ବର୍ଷ ଜାନୁୟାରୀ ମାସରେ ସେ ପୁରୀ ଆସିଥିବାବେଳେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇ ତାଙ୍କୁ ୬ଘଣ୍ଟା ମଧ୍ୟରେ ପୁରୀରୁ ବିଦା କରି ଦିଆଯାଇଥିଲା ଏବଂ ଏହି ଆଦେଶ ବିରୋଧରେ ସେ ସୁପ୍ରିମ୍ କୋର୍ଟ ଯାଇଥିଲେ । ସୁପ୍ରିମ୍ କୋର୍ଟରେ ମକଦ୍ଦମା ପଡ଼ିବାବେଳକୁ ଦୁଇମାସ ବିତି ଯାଇଥିବାରୁ ପୁରୀ ପ୍ରଶାସନ ପକ୍ଷରୁ କୁହାଗଲା ଯେ ଆଉ ଏ ଆଦେଶ ବଳବତ୍ତର ନୁହେଁ । ତେଣୁ ଏହି ଆଦେଶର ଯଥାର୍ଥତା ବିଚାର କରିବା ପାଇଁ ସୁପ୍ରିମ୍‌କୋର୍ଟର ଅବକାଶ ରହିଲା ନାହିଁ ।

ବର୍ତ୍ତମାନ ସେ ପୁରୀରେ ଆସି ପହଞ୍ଚିଲାମାତ୍ରେ ପୁଣି ୧୪୪ ଧାରା ଜାରି କରାଗଲା । ଯେପରି ଦେଖାଯାଉଛି ନାଲିକନା ଦେଖି ଷଣ୍ଢ ଚିହିଁକିଲା ପରି ଏହି ଅଧୋକ୍ଷଜାନନ୍ଦ ଆସିବାମାତ୍ରେ ପୁରୀ ପ୍ରଶାସନର ସେହି ଅବସ୍ଥା ହେଉଛି । ପ୍ରଶାସନ ପକ୍ଷରୁ କୁହାଯାଉଛି ଯେ ତାଙ୍କର ପୁରୀକୁ ଆସିବା ଦ୍ୱାରା ପୁରୀର ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ଶାନ୍ତିଭଙ୍ଗ ଓ ରକ୍ତପାତର ସମ୍ଭାବନା ରହିଛି । ସେ ପୁରୀ ଆସିଲେ ଶଙ୍କରାଚାର୍ଯ୍ୟଙ୍କର ଅନୁଗାମୀମାନେ ଓ ତାଙ୍କର ଅନୁଗତ ଆଦିତ୍ୟବାହିନୀ ଉତ୍ତେଜିତ ହେବେ । ଏ ଯୁକ୍ତିର କେତେ ଦୂର ସାରବତ୍ତା ଅଛି ତାହା ବିଚାର୍ଯ୍ୟ । ନିଜେ ଅଧୋକ୍ଷଜାନନ୍ଦଜୀ ନିଶ୍ଚଳାନନ୍ଦଜୀଙ୍କ ସହିତ କୌଣସି ଗଣ୍ଡଗୋଳ ବା ବିବାଦ କରିବା ପାଇଁ ଆସି ନାହାନ୍ତି ଏବଂ ସେ କେବଳ ପୁରୀ ଧାମରେ ରହି ଜଣେ ଧାର୍ମିକ ନାଗରିକ ଭାବରେ ବ୍ରତପାଳନ କରିବାକୁ ଆସିଛନ୍ତି ବୋଲି କହିବା ପରେ କ'ଣ ବା ଉତ୍ତେଜନାର କାରଣ ରହିଲା ? ଯଦି କେହି ଉତ୍ତେଜିତ ହୋଇ ଗଣ୍ଡଗୋଳ କରିବାକୁ ଚାହେଁ ତା'ହେଲେ ପୁଲିସ ତାକୁ ବାରଣ କରିବ ନା ସାଧୁ ଅଧୋକ୍ଷଜାନନ୍ଦଜୀଙ୍କୁ ପୁରୀରୁ ବାସନ୍ଦ କରିବ ।

ବ୍ରିଟିଶ୍ ଅମଳରେ ଏପରି ଗଣ୍ଡଗୋଳ ଆଳରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବିଭିନ୍ନ ଅଞ୍ଚଳମାନଙ୍କରେ ପ୍ରବେଶ କରିବାକୁ ଦିଆଯାଇ ନଥିଲା ଏବଂ ସେମାନେ ସେଠାରେ ପହଞ୍ଚିବା ପୂର୍ବରୁ ଗିରଫ କରି ନିଆଯାଇଥିଲା । ଗଡ଼ଜାତ ଶାସନରେ ମଧ୍ୟ ଏହିପରି ଘଟୁଥିଲା ।

Digitized by srujanika@gmail.com

ବର୍ତ୍ତମାନ ଯାହା ଦେଖାଯାଉଛି ଦେଶର ସର୍ବପ୍ରଧାନ ଧର୍ମସ୍ଥଳ ପୁରୀର ପ୍ରଶାସନ ବ୍ରିଟିଶ୍ ଏବଂ ଗଡ଼ଜାତ ଅମଳକୁ ବଳି ଗଲାଣି । ପୁଣି ଯୁକ୍ତି କରାଯାଉଛି, ପ୍ରକୃତ ଶଙ୍କରାଚାର୍ଯ୍ୟ ଥିବାବେଳେ ଅଧୋକ୍ଷାନନ୍ଦ ନିଜକୁ ଶଙ୍କରାଚାର୍ଯ୍ୟ ବୋଲି ଦାବି କରୁଥିବା ଦ୍ୱାରା ଭାରତୀୟ ଦଣ୍ଡବିଧି ସଂହିତାର ଉଲ୍ଲଂଘନ କରିଛନ୍ତି । ତେଣୁ ସେ ପୁରୀ ଆସିଲେ ଶାନ୍ତି ଭଙ୍ଗ ହେବ । ହତ୍ୟା ପରି ଗୁରୁତର ଅପରାଧରେ ଅଭିଯୁକ୍ତ ବ୍ୟକ୍ତି ଜାମିନ୍‌ରେ ଖଲାସ ହୋଇ ବିନା ବାଧାରେ ଆସି ରହି ପାରୁଛି । ଜଣେ ଧାର୍ମିକ ବ୍ୟକ୍ତି କି ଅପରାଧ କରିଛି ଯେ ପୁରୀ ପରି ଧର୍ମସ୍ଥଳକୁ ଆସି ପାରିବ ନାହିଁ । ନକଲି ଶଙ୍କରାଚାର୍ଯ୍ୟ ବୋଲି ତାଙ୍କ ବିରୋଧରେ ଯଦି ଅଭିଯୋଗ ଅଛି ପୁଲିସ୍ ଶୀଘ୍ର ସେ ସମ୍ପର୍କରେ ଅଭିଯୋଗ ଫର୍ଦ୍ଦ ଦାଖଲ କରୁ ଏବଂ ତାଙ୍କର ବିଚାର ହେଉ । କିନ୍ତୁ ପୁରୀ ଆସିବାର ଅଧିକାର ସେହି ଆଳରେ ତାଙ୍କଠାରୁ ଛଡ଼ାଇ ନିଆଯାଇ ପାରିବ କି ?

ପୁରୀର ଧାର୍ମିକ ପରମ୍ପରାରେ ବହୁ ପ୍ରାଚୀନ କାଳରୁ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ, ସାଧୁସନ୍ଥ ଓ ମହାତ୍ମାମାନେ ଭାରତର ଚାରିଆଡୁ ଆସି ପୁରୀରେ ରହି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ମରିବାର ଶେଷ ଇଚ୍ଛା ଧରି ମଧ ବହୁ ବ୍ୟକ୍ତି ପୁରୀରେ ଆସି ବାସ କରନ୍ତି । ଶ୍ରୀଜଗନ୍ନାଥଙ୍କର ଦ୍ୱାର ସମସ୍ତଙ୍କ ପାଇଁ ମୁକ୍ତ । ପୁରୀ ଧାମରେ ସମସ୍ତଙ୍କର ଅବାରିତ ପ୍ରବେଶ ରହିଛି । ଜଗନ୍ନାଥ ଧର୍ମପରି ଉଦାର ଧର୍ମ ସାରା ବିଶ୍ୱରେ ନାହିଁ । ଏପରି ଅବସ୍ଥାରେ ଏକ ସ୍ୱାଧୀନ ଗଣତାନ୍ତ୍ରିକ ଦେଶରେ ଜଣେ ପ୍ରବ୍ରଜ୍ୟାରତ ସାଧୁଙ୍କୁ ପୁରୀ ଆସିବାକୁ ମନା କରିବା ବା ତାଙ୍କୁ ବିତାଡ଼ିତ କରିବାଠାରୁ ବଳି ଗର୍ହିତ କାର୍ଯ୍ୟ କିଛି ନାହିଁ । ଆଶ୍ଚର୍ଯ୍ୟର କଥା ଏହି ଯେ ରାଜ୍ୟ ସରକାର ଜିଲ୍ଲା ପ୍ରସାଶନର ଏପରି ମନମୁଖୀ, ତ୍ରୁଟିପୂର୍ଣ୍ଣ କାର୍ଯ୍ୟରେ ସମର୍ଥନ କରିବାକୁ ଲାଗି ପଡ଼ିଛନ୍ତି ।

(ପ୍ରକାଶ - ସମାଜ, ତା.୩୦ ଜୁଲାଇ ୨୦୦୦)

Digitized by srujanika@gmail.com

ଶଙ୍କରାଚାର୍ଯ୍ୟ ବିବାଦ ଓ ନାଗରିକ ଅଧିକାର

ଭୂପେନ୍ ମହାପାତ୍ର

ମହାଶୟ, ଶଙ୍କରାଚାର୍ଯ୍ୟ ବିବାଦ ସମ୍ପର୍କରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରବନ୍ଧ (୩୦ ଜୁଲାଇ) ପଢ଼ି ଖୁସି ହେଲି । ମହାମାନ୍ୟ ଶଙ୍କରାଚାର୍ଯ୍ୟଙ୍କ ବିଷୟରେ ମୁଁ ଯାହା କିଛି ଜାଣି ନଥିଲି ତାହା ଜାଣିବାର ସୁଯୋଗ ପାଇଲି । ତେବେ ଶଙ୍କରାଚାର୍ଯ୍ୟଙ୍କ ସାମାଜିକ ଅବଦାନ ବିଷୟରେ ଅଧିକ କିଛି ଲେଖିଥିଲେ ଆହୁରି ଭଲ ହୋଇ ଥାଆନ୍ତା । ଗୋଟିଏ କଥା ହୁଏତ ସ୍ପଷ୍ଟ ହେଲା ଯେ ଆଦି ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠିତ ପରମ୍ପରାକୁ ଭାଙ୍ଗି ଏବେ ଅନେକ ଶଙ୍କରାଚାର୍ଯ୍ୟ ଆମ ଦେଶରେ ଅଛନ୍ତି ଏବଂ ସେମାନଙ୍କ ଭିତରୁ ଜଣେ ଭୁବନେଶ୍ୱରରେ ମଧ ରହୁଛନ୍ତି । ଏ ସମସ୍ତଙ୍କୁ ଆଇନ୍ ସ୍ୱୀକୃତି ଦେଇଛି କି ନା ଅବଶ୍ୟ ଜଣା ନାହିଁ ।

ପୁରୀରେ ଏବେ ଆଉ ଜଣେ ଶଙ୍କରାଚାର୍ଯ୍ୟ (ଅଧୋକ୍ଷାନନ୍ଦ ଦେବତୀର୍ଥ) ଙ୍କ ବିଷୟରେ ଶ୍ରୀ ପଟ୍ଟନାୟକ ଯେଉଁ ମତାମତ ଦେଇଛନ୍ତି ତାହା ମଧ ଯଥାର୍ଥ । ଶ୍ରୀ ପଟ୍ଟନାୟକ ତାଙ୍କୁ ସମର୍ଥନ କରି ଯେଉଁ ବଳିଷ୍ଠ ଯୁକ୍ତି ବାଢ଼ିଛନ୍ତି ତାହା ଏବେ ମୋର ମନେ ହୁଏ ପ୍ରଶାସନ ମୁଖା ଖୋଲି ଦେବ ।

ଶ୍ରୀ ପଟ୍ଟନାୟକ ଯାହା ଲେଖିଛନ୍ତି ମୁଁ ତାକୁ ଆଉ ଥରେ ଉଦ୍ଧାର କରିବାର ଲୋଭ ସମ୍ବରଣ କରି ପାରୁନାହିଁ ।

"ପୁରୀର ଧାର୍ମିକ ପରମ୍ପରାକୁ ବହୁ ପ୍ରାଚୀନ କାଳରୁ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ, ସାଧୁ ସନ୍ଥ ଓ ମହାତ୍ମାମାନେ ଭାରତର ଚାରିଆଡୁ ଆସି ପୁରୀରେ ରହି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ଶ୍ରୀ ଜଗନ୍ନାଥଙ୍କର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ପୁରୀଧାମରେ ସମସ୍ତଙ୍କର ଅବାରିତ ପ୍ରବେଶ ରହିଛି । ଜଗନ୍ନାଥ ଧର୍ମ ପରି ଉଦାର ଧର୍ମ ସାରା ବିଶ୍ୱରେ ନାହିଁ । ଏପରି ଅବସ୍ଥାରେ ଏକ ସ୍ୱାଧୀନ ଗଣତାନ୍ତ୍ରିକ ଦେଶରେ ଜଣେ ପ୍ରବ୍ରଜ୍ୟାରତ ସାଧୁଙ୍କୁ ପୁରୀ ଆସିବାକୁ

Digitized by srujanika@gmail.com

ମନା କରିବା ବା ତାଙ୍କୁ ବିତାଡ଼ିତ କରିବା ଠାରୁ ବଳି ଗର୍ହିତ କାର୍ଯ୍ୟ କିଛି ନାହିଁ । ଆଶ୍ଚର୍ଯ୍ୟର କଥା ଏହି ଯେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନର ଏପରି ମନମୁଖୀ, ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ସମଥର୍ନ କରିବାକୁ ଲାଗି ପଡ଼ିଛନ୍ତି ।"

ଓଡ଼ିଶାର ଯେ କୌଣସି ସଚେତନ ନାଗରିକ ଶ୍ରୀ ପଟ୍ଟନାୟକଙ୍କ ଯୁକ୍ତିକୁ ନିଶ୍ଚୟ ସମର୍ଥନ କରିବ । କିନ୍ତୁ ଗୋଟିଏ କଥା ଏଠି ବୁଝି ହେଲା ନାହିଁ, ଶ୍ରୀ ପଟ୍ଟନାୟକ ଯେତେବେଳ ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ମହାମାନ୍ୟ ଦଲାଇଲାମା ପୁରୀ ଯାଇ ଜଗନ୍ନାଥ ଦର୍ଶନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଗନ୍ନାଥଙ୍କ ଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ । ସେତେବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ରୋକ୍‌ଠୋକ୍ ମନା କରିଦେଇ ଥିଲେ । ତା ସତ୍ତ୍ୱେ ଦଲାଇଲାମା ପୁରୀ ଯାଇଥିଲେ ଏବଂ ସେଠୁ କିପରି ହୀନସ୍ଥା ହୋଇ ଫେରିଥିଲେ ସେ କଥା ତାଙ୍କୁ ଅଜଣା ନଥିବ । ସେ ନିଜେ କିମ୍ବା ତାଙ୍କ ପ୍ରଶାସନ ସେତେବେଳେ ତାଙ୍କୁ କି ସାହାଯ୍ୟ ଯୋଗାଇ ଦେଇଥିଲେ ? ଜଗନ୍ନାଥଙ୍କ ଦ୍ୱାର ଯଦି ସମସ୍ତଙ୍କ ପାଇଁ ଉନ୍ମୁକ୍ତ, ଜଗନ୍ନାଥ ଧର୍ମ ପରି ଉଦାର ଧର୍ମ ଯଦି ସାରା ବିଶ୍ୱରେ ନାହିଁ, ତେବେ ଦଲାଇଲାମା ସେ ଦିନ ଜାନକୀ ବାବୁଙ୍କ ପ୍ରଶାସନରେ ବାଦ ପଡ଼ିଲେ କେମିତି ?

ପ୍ରଶାସନକୁ କଠୋର ସମାଲୋଚନା କରି ଶ୍ରୀ ପଟ୍ଟନାୟକ ଆହୁରି ଲେଖିଛନ୍ତି ଯେ ବର୍ତ୍ତମାନ ଯାହା ଦେଖାଯାଉଛି ଦେଶର ସର୍ବପ୍ରଥମ ଧର୍ମସ୍ଥଳ ପୁରୀର ପ୍ରଶାସନ ବ୍ରିଟିଶ୍ ଏବଂ ଗଡ଼ଜାତ ଅମଳକୁ ବଳି ଗଲାଣି ।

ଜାନକୀବାବୁ ଏ କଥା ଲେଖିବାବେଳେ ନିଜ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିବେ ବୋଲି ମୁଁ ଭାବୁଛି । ରାଜନୈତିକ ନେତାମାନେ ଯଦି ସବୁବେଳେ ଦ୍ୱୈତ ଭୂମିକାର ଅଭିନୟ ନ କରନ୍ତେ ତେବେ ସମାଜ ତାଙ୍କଠାରୁ ଅନେକ କିଛି ପାଇ ପାରନ୍ତା ।

ଏଲ୍/୪୫, ଛେଣ୍ଡ କଲୋନୀ

ରାଉରକେଲା- ୧୫

(ସମାଜ, ତା.୧୦/୦୮/୨୦୦୦)

Digitized by srujanika@gmail.com

ଶିରୋନାସ୍ତି ଶିରପୀଡ଼ା

ଜାନକୀ ବଲ୍ଲଭ ପଟ୍ଟନାୟକ

"ଶଙ୍କରାଚାର୍ଯ୍ୟ ବିବାଦ ଓ ନାଗରିକ ଅଧିକାର" ଶିରୋନାମାରେ ରାଉରକେଲାର ଭୂପେନ୍ ମହାପାତ୍ରଙ୍କ ଯେଉଁ ପତ୍ରଟି ଏହି ସ୍ତମ୍ଭରେ (୧୦/୮/୨୦୦୦) ରେ ପ୍ରକାଶ ପାଇଛି, ସେଥିରେ ସେ ଏକ ମନଗଢ଼ା କାହାଣୀ ସୃଷ୍ଟି କରି ମୋର ପ୍ରବନ୍ଧ ସହିତ ସମ୍ପର୍କ ନଥିବା ଏକ ବିବାଦୀୟ ପ୍ରସଙ୍ଗ ଉଠାଇଛନ୍ତି । ସେ ଲେଖିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀ ଥିଲାବେଳେ ମହାମାନ୍ୟ ଦଲାଇଲାମା ପୁରୀ ଯାଇ ଜଗନ୍ନାଥ ଦର୍ଶନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଗନ୍ନାଥ ଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ । ସେତେବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ରୋକ୍‌ଠୋକ୍ ମନା କରି ଦେଇଥିଲେ । ତା ସତ୍ତ୍ୱେ ଦଲାଇଲାମା ପୁରୀ ଯାଇଥିଲେ ଏବଂ ସେଠୁ କିପରି ହିନସ୍ତା ହୋଇ ଫେରିଥିଲେ ସେକଥା ତାଙ୍କୁ ଅଜଣା ନଥିବ ।"

ଏହିପରି ଏକ ଘଟଣା ସେ କେଉଁଠୁ ପଢ଼ିଛନ୍ତି, ଶୁଣିଛନ୍ତି ନା ମନରୁ ଗଢ଼ିଛନ୍ତି ? ମୁଁ ମୁଖ୍ୟମନ୍ତ୍ରୀ ଥିଲାବେଳେ ଦଲାଇଲାମା ଅବଶ୍ୟ ଓଡ଼ିଶା ଆସିଥିଲେ । ଓଡ଼ିଶାର ତିବ୍ବତୀୟମାନଙ୍କ ପାଇଁ ଗଜପତିର ଚନ୍ଦ୍ରଗିରିଠାରେ ଯେଉଁ ବସତି ନିର୍ମାଣ କରାଯାଇଛି, ସେହି ବସତି ପରିଦର୍ଶନ କରିବା ପାଇଁ ହିଁ ସେ ଓଡ଼ିଶା ଆସନ୍ତି । ସେହି ବସତିର ସୁବିଧା ସମ୍ପର୍କରେ ଓଡ଼ିଶାରେ ଥିବା ତାଙ୍କର ପ୍ରତିନିଧି ମଧ୍ୟ ମୋ ସହିତ କେତେଥର ଆଲୋଚନା କରିଛନ୍ତି । ଥରେ ରାଜଭବନରେ ଅତିଥିଭାବେ ଥିବାବେଳେ ଦଲାଇଲାମା ସହିତ ମୋର ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା ଏବଂ ସେହି ସାକ୍ଷାତ ବେଳରେ ଭାରତ ସହିତ ତିବ୍ବତର ନିବିଡ଼ ଧର୍ମଗତ ଏବଂ ସାଂସ୍କୃତିକ ସମ୍ପର୍କ ବିଷୟ ସେ ଉଲ୍ଲେଖ କରିଥିଲେ । ମୁଁ ରାଜା ଇନ୍ଦ୍ରଭୂତିଙ୍କ ସମୟରେ ଓଡ଼ିଶାରୁ

Digitized by srujanika@gmail.com

ବୌଦ୍ଧଧର୍ମ କିପରି ତିବ୍ବତ ଯାଇଥିଉଲା ତହା ଉଲ୍ଲେଖ କରିଥିଲି ଏବଂ ଓଡ଼ିଶାରେ ଥିବା ପୁଷ୍ପଗିରି ବିହାର ବୌଦ୍ଧ ଧର୍ମର ଏକ ପ୍ରଧାନ କେନ୍ଦ୍ର ଥିବା କଥା ସେ ଜାଣନ୍ତି ବୋଲି କହିଥିଲେ । ଭୁବନେଶ୍ୱରରେ ଏକ ତିବ୍ବତୀୟ ଚିକିତ୍ସାକେନ୍ଦ୍ର ସ୍ଥାପନ କରିବା ପାଇଁ ମୁଁ ତାଙ୍କୁ ଅନୁରୋଧ କରିଥିଲି ଏବଂ ତାର ଫଳ ସ୍ୱରୂପ ଗତ ୧୩ବର୍ଷ ହେବ ଏକ ତିବ୍ବତୀୟ ଚିକିତ୍ସାକେନ୍ଦ୍ର ଭୁବନେଶ୍ୱରରେ ପ୍ରତିଷ୍ଠିତ ହୋଇଛି ।

ମହାମାନ୍ୟ ଦଲାଇଲାମା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ସେ ସାକ୍ଷାତବେଳେ ବା ଅନ୍ୟ କେତେବେଳେ ମୋତେ ଅନୁରୋଧ କରି ନାହାନ୍ତି ଏବଂ ସେ କେବେହେଲେ ମଧ୍ୟ ପୁରୀ ଯାଇ ନାହାନ୍ତି । ତେଣୁ ଶିରୋନାସ୍ତି ଶିରପୀଡ଼ା ପରି ସେ ପୁରୀରେ ହଟହଟା ହେବା ଓ ଜଗନ୍ନାଥ ଦର୍ଶନରୁ ବଞ୍ଚିତ ହେବା ଏବଂ ମୋତେ ସେଥିରେ ଦାୟୀ କରିବା ପରି ସମ୍ପୂର୍ଣ୍ଣ ମନଗଢ଼ା କଥାର ସେ କାହିଁକି ଅବତାରଣା କରିଛନ୍ତି ମୁଁ ବୁଝି ପାରୁ ନାହିଁ ।

ଜାନକୀବଲ୍ଲଭ ପଟ୍ଟନାୟକ
ଭୁବନେଶ୍ୱର
(ସମାଜରେ ପ୍ରକାଶିତ : ତା.୧୯.୦୮.୨୦୦୦)

Digitized by srujanika@gmail.com

ଧର୍ମ ଓ କପଟାଚାର

ରମାକାନ୍ତ ମିଶ୍ର

ମହାଶୟ, ସମାଜର ଏହି ସ୍ତମ୍ଭ (୧୦/୮/୨୦୦୦) ଭୂପେନ୍ ମହାପାତ୍ରଙ୍କ ଶଙ୍କରାଚାର୍ଯ୍ୟ ବିବାଦ ସିରୋନାମାରେ ପ୍ରକାଶିତ ପତ୍ର ପାଠ କଲି । ଓଡ଼ିଆମାନଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଭକ୍ତି ଦୁର୍ବଳତା ଓ ଭାବପ୍ରବଣତାରୁ ରାଜନୈତିକ ନେତାମାନେ ସବୁବେଳେ ନିଜ ଲାଭ ପାଇଁ ବ୍ୟବହାର କରିଥାନ୍ତି । ତେଣୁ ନିଜ କଥାର ସମର୍ଥନ ପାଇଁ ଜାନକୀବାବୁ ଶ୍ରୀଜଗନ୍ନାଥଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଓ ଜଗନ୍ନାଥ ଧର୍ମପରି ଉଦାର ଧର୍ମ ଜଗତରେ ନାହିଁ ବୋଲି ଲେଖିବାର ଦୃଷ୍ଟତା କରିଛନ୍ତି । ହିନ୍ଦୁ ଧର୍ମର ସର୍ବମାନ୍ୟ ଶ୍ରୀଜଗନ୍ନାଥ ମନ୍ଦିରକୁ ହିନ୍ଦୁ ସମାଜର ଏକ ବୃହଦାଂଶ ଅନୁସୂଚୀତ ଜାତିର ଲୋକମାନଙ୍କ ପ୍ରବେଶାଧିକାର ନାହିଁ । ଗାନ୍ଧିଜୀଙ୍କ ଆନ୍ଦୋଳନ ଫଳରେ ଭାରତବର୍ଷର ଅଧିକାଂଶ ହିନ୍ଦୁ ମନ୍ଦିରରେ ହରିଜନମାନେ ପ୍ରବେଶାଧିକାର ପାଇଥିଲେ ମଧ୍ୟ ଜଗନ୍ନାଥ ମନ୍ଦିରର ସିଂହଦ୍ୱାରରେ ଅର୍ଗଳି ସେମାନଙ୍କ ପାଇଁ ଫିଟି ନଥିଲା । ସେଥିପାଇଁ ସ୍ୱୟଂ ମହାତ୍ମାଗାନ୍ଧୀ ଜଗନ୍ନାଥ ଦର୍ଶନ କରିବାକୁ ମନା କରି ଦେଇଥିଲେ । ନିଜେ ପତିତପାବନ ନାମ ବହନ କରିଥିବା ଓ ନିଜ ମନ୍ଦିର ଚୂଡ଼ାରେ ପତିତପାବନ ବାନା ଉଡ଼ାଇଥିବା ଏହି ଉଦାର ଧର୍ମର ପୂଜ୍ୟ ଦେବତା ହରିଜନମାନଙ୍କୁ ପତିତ ଆଖ୍ୟା ଦେଇ ସେମାନଙ୍କୁ ଦର୍ଶନ ଦେବା ପାଇଁ ରଥଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ବାହାରକୁ ଆସି ନିଜର ଉଦାରତା ପ୍ରଦର୍ଶନ କରିଥାନ୍ତି ।

ଜଗନ୍ନାଥ ବୌଦ୍ଧରୂପ ହୋଇଥିଲେ ମଧ୍ୟ ବୌଦ୍ଧ ଜଗତର ଅନ୍ୟତମ ଧର୍ମଗୁରୁ ଦଲାଇଲାମାଙ୍କୁ ଜଗନ୍ନାଥ ମନ୍ଦିର ପ୍ରବେଶାଧିକାର ମିଳିନଥିଲା । ସେହିପରି ଜଣେ ପାର୍ସୀଙ୍କୁ ବିବାହ କରୁଥିବା ଇନ୍ଦିରା ଗାନ୍ଧୀ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ସର୍ବବିଧ ଉଦ୍ୟମ ସତ୍ତ୍ୱେ ଜଗନ୍ନାଥ ଦର୍ଶନ କରି ପାରି ନଥିଲେ । କୌଣସି ବିଦେଶୀ କିମ୍ବା ଅଣହିନ୍ଦୁଙ୍କର ଜଗନ୍ନାଥ ମନ୍ଦିର ପ୍ରବେଶାଧିକାର ନାହିଁ । ଅତୀତରେ ଜଗନନ୍ନାଥଙ୍କ

Digitized by srujanika@gmail.com

ପରମ ଭକ୍ତ ମୁସଲମାନ ସାଲବେଗ ସେ ଅଧିକାର ପାଇ ନଥିଲେ ଓ ଏ ଯୁଗର ଇସ୍କନ ବୈଷ୍ଣବ ମାନେ ମଧ ସେ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି । ଯେଉଁ ଧର୍ମାନ୍ତରିତ ଖ୍ରୀଷ୍ଟିୟାନ୍‌ମାନଙ୍କୁ ଶଙ୍କରାଚାର୍ଯ୍ୟ ହିନ୍ଦୁଧର୍ମରେ ପୁନର୍ଦୀକ୍ଷିତ କରିଛନ୍ତି ମୁକ୍ତିମଣ୍ଡପ ସେମାନଙ୍କୁ ଜଗନ୍ନାଥ ମନ୍ଦିର ପ୍ରବେଶାଧିକାର ଦେବାକୁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି । ଅତୀତରେ କଳାପାହାଡ଼ ମଧ ଏହି ଅଧିକାରରୁ ବଞ୍ଚିତ ହୋଇଥିଲା । ରକ୍ଷଣଶୀଳ ପଣ୍ଡାମାନଙ୍କ କବଳିତ ଜଗନ୍ନାଥ ମନ୍ଦିରର ଅନୁଦାରତା ସମ୍ପର୍କରେ ଏପରି ବହୁ ଉଦାହରଣ ଦିଆଯାଇପାରିବ ; କିନ୍ତୁ ପାର୍ସୀ ବିବାହ କରିଥିବାରୁ ଇନ୍ଦିରା ଗାନ୍ଧି ଜଗନ୍ନାଥ ମନ୍ଦିରରେ ପ୍ରବେଶ କରି ପାରି ନଥିବା ବେଳେ ମୁସଲମାନ ମହିଳା ଚିତ୍ରାଭିନେତ୍ରୀ ନର୍ଗିସ୍‌ଙ୍କୁ ବିବାହ କରିଥିବା ଚିତ୍ରତାରକା ରାଜନେତା ସୁନିଲ ଦତ୍ତ ଜଗନ୍ନାଥ ମନ୍ଦିର ଯାଇ ତାଙ୍କ ମୁସଲମାନ ପତ୍ନୀ ଗର୍ଭଜାତ ପୁତ୍ର ସଞ୍ଜୟ ଦତ୍ତଙ୍କ ପାଇଁ କିପରି ପୂଜାର୍ଚ୍ଚନା କରି ନୀଳଚକ୍ରରେ ବିଶାଳକାୟ ବାନା ବାନ୍ଧି ପାରିଥିଲେ ତାହା ଆମ ବୋଧଗମ୍ୟ ହେଉନାହିଁ । ଜଗନ୍ନାଥ ମନ୍ଦିରର ଉଦାରତାର ପ୍ରବକ୍ତାମାନେ ଏ ସମ୍ପର୍କରେ ଆମ ସନ୍ଦେହ ମୋଚନ କରିବେ କି ? କିନ୍ତୁ ଏ ସବୁ କଥା ସତ୍ତ୍ୱେ ଆମ ନେତାମାନେ ଜଗନ୍ନାଥଙ୍କ ସମ୍ପର୍କରେ ଅନେକ କଥା କହିଥାନ୍ତି । ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥାଇ ହିନ୍ଦୁଧର୍ମର କୌଣସି ଆଚାର ବିଚାର ପାଳନ କରୁ ନଥିବାବେଳେ ନିଜକୁ ଜଗନ୍ନାଥଙ୍କ ପରମଭକ୍ତ ବୋଲି ପ୍ରଦର୍ଶନ କରୁଥିଲେ ଓ ବକ୍ତୃତା ଛଳରେ 'କାଳିଆ' - 'କାଳିଆ' କହି ଭାବବିହ୍ୱଳ ହୋଇ ଯାଉଥିଲେ । ଧର୍ମକୁ ନେଇ ରାଜନୈତିକ ଲୋକଙ୍କର ଏହି କପଟାଚାର ସବୁଦିନେ ଚାଲିଥିଲା ଓ ଚାଲିଥିବ ।

ଉମାକାନ୍ତ ମିଶ୍ର
ଭୀମଟାଙ୍ଗୀ ହାଉସିଂ କଲୋନୀ
ଭୁବନେଶ୍ୱର - ୨୦

(ସମାଜ, ୨୨/୮/୨୦୦୦)

Digitized by srujanika@gmail.com

ଦଲାଇଲାମାଙ୍କ ଦୁଃଖ

ଭୂପେନ୍ ମହାପାତ୍ର

ମହାଶୟ, ମହମାନ୍ୟ ଦଲାଇଲାମା ପୁରୀରେ ଜଗନ୍ନାଥ ଦର୍ଶନର ଅନୁମତି ନ ପାଇ ଦୁଃଖରେ ଫେରି ଯାଇଛନ୍ତି । ଏଥିପାଇଁ ତାଙ୍କୁ କୁଆଡ଼େ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସାହାଯ୍ୟ କରି ପାରିଲେ ନାହିଁ । 'ଇଣ୍ଡିଆନ୍ ଏକ୍ସପ୍ରେସ' ଏ ସମ୍ବାଦକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରି ଲେଖିଛି 'ଈଶ୍ୱର ଈଶ୍ୱରଙ୍କୁ ଦେଖା କରିବାକୁ ଚାହିଁଲେ, ମଣିଷ ମନା କଲା । ମୋର ମନେ ହେଉଛି ଜଗନ୍ନାଥଙ୍କୁ ଦେଖା କରି ନ ପାରି ଦଲାଇଲାମା ଯେତିକି ଦୁଃଖ କରି ନଥିବେ, ତା'ଠୁ ଶହେଗୁଣ ବେଶି ଦୁଃଖ କରିଥିବେ ଜଗନ୍ନାଥ ନିଜେ । ଯଦି ଆଜି ତାଙ୍କର ଅନ୍ତର୍ଦାହ ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଏ କଥା ବେଶ୍ ଜାଣିପାରିବା । ଦଲାଇଲାମାଙ୍କୁ ଦେଖି ନ ପାରି ଜଗନ୍ନାଥଙ୍କ ଆଖିରେ ଆଜି ଆଉ ଥରେ ଲୁହ ଆସିଥିବ ନିଶ୍ଚୟ । ସେତ ଏବେ ବରାବର କାନ୍ଦୁଛନ୍ତି । କିଏ ଦେଖୁଚି ?

ଦଲାଇଲାମାଙ୍କୁ ବୁଦ୍ଧ ଅବତାର ବୋଲି କୁହାଯାଏ । ବୁଦ୍ଧଙ୍କୁ ଜଗନ୍ନାଥଙ୍କ ଶରୀର ବୋଲି କୁହାଯାଇଚି । ଶାସ୍ତ୍ରରେ ତାଙ୍କୁ ବିଷ୍ଣୁଙ୍କ ନବମ ଅବତାର ବୋଲି ମଧ୍ୟ କୁହାଯାଇଚି । ତେବେ ଆମେ କାହାକୁ ଫେରେଇ ଦେଲୁ ? କାହାକୁ କାହା ସହିତ ମିଶିବାକୁ ଦେଲୁନାହିଁ ? ଦେହକୁ ଶରୀରରୁ ଅଲଗା କଲା ପରି ହେଲା । ମନକୁ ପ୍ରାଣଠାରୁ ଅଲଗା କରି ଦିଆହେଲା । ଯଦି ଆମ ଶାସ୍ତ୍ର ଅନୁସାରେ ଜଗନ୍ନାଥ ହିଁ ବୁଦ୍ଧ ତେବେ ପ୍ରତ୍ୟେକ ହିନ୍ଦୁ ଜଣେ ଜଣେ ବୌଦ୍ଧ ଏବଂ ପ୍ରତ୍ୟେକ ବୌଦ୍ଧ ମଧ୍ୟ ଜଣେ ଜଣେ ହିନ୍ଦୁ ।

ଜଗନ୍ନାଥଙ୍କୁ ଏତେ ଦିନ ଯାଏ ପୂଜା କରି ମଧ୍ୟ ଆମ ଭିତରୁ ଅଜ୍ଞାନତାର ଅନ୍ଧକାର ଦୂର ହେଲା ନାହିଁ । ଆମେ ଏଯାଏ ମଣିଷକୁ ଚିହ୍ନି ପାରିଲୁ ନାହିଁ । ଦେବତାଙ୍କୁ

Digitized by srujanika@gmail.com

ଚିହ୍ନିବା ତ ଦୂରର କଥା । ଦଲାଇଲାମାଙ୍କୁ ବଡ଼ ଦେଉଳର ଦୁଆର ମୁହଁରୁ ଫେରେଇ ଦେଇ ଆମେ ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତିରେ ପୂର୍ଣ୍ଣଛେଦ ଟାଣି ଦେଲୁ ଏବଂ ଆଉ ଏକ କଳଙ୍କିତ ଅଧ୍ୟାୟର ଶୁଭାରମ୍ଭ କଲୁ । କେଉଁଠି ଲେଖା ଅଛି ଯେ ଜଗନ୍ନାଥ କେବଳ ହିନ୍ଦୁଙ୍କର ? କେଉଁ ଶାସ୍ତ୍ର ପୁରାଣରେ ଲିପିବଦ୍ଧ ହୋଇଛି ଯେ ହିନ୍ଦୁ ବୋଲି ଛାପା ମାରିଥିବା ଲୋକଟି ପାପର ପସରା ମୁଣ୍ଡେଇ ଥିଲେ ମଧ୍ୟ ଜଗନ୍ନାଥଙ୍କୁ ଭେଟି ପାରିବ ଅଥଚ ଅଣହିନ୍ଦୁଟିଏ ଯେତେ ଧାର୍ମିକ ହେଲେ ମଧ୍ୟ ଜଗନ୍ନାଥଙ୍କୁ ଦେଖି ପାରିବ ନାହିଁ । ଓଡ଼ିଶାର ଦୁଇଜଣ ବିଶିଷ୍ଟ କବି କୁମାର ହସନ୍ ଏବଂ ଗଉନ୍ତିଆ ଜମିଉଲ୍ଲା ସେମାନଙ୍କ ବଂଶାନୁକ୍ରମେ ଜଗନ୍ନାଥଙ୍କୁ ପୂଜା କରି ରଥରେ ବସେଇ ଆଣୁଛନ୍ତି । ସାଲବେଗଠାରୁ ଅଧିକ ଭକ୍ତଟିଏ ଏଯାଏ ଓଡ଼ିଶାରେ ଜନ୍ମ ହେଲାଣି କି ? ସେମାନଙ୍କଠି ମୁସଲମାନ ଲକ୍ଷଣ ଅଛି କି ? ତେବେ ଜଗନ୍ନାଥ କାହାର ?

ଏବେ ଡକ୍ଟର ବେଣୀମାଧବ ପାଢ଼ୀଙ୍କ 'କୃଷି ଓ ଦୃଷ୍ଟି' ପ୍ରକାଶ ପାଇଛି ଓ ତାର ଆଲୋଚନା ମଧ୍ୟ ପ୍ରକାଶିତ ହୋଇଛି । ସେଥିରେ ଡକ୍ଟର ପାଢ଼ୀ ଲେଖିଛନ୍ତି, "ଜଗନ୍ନାଥ ! କାହାର ତୁମେ ?"

ପ୍ରବନ୍ଧରେ ଜଗନ୍ନାଥ ସଂସ୍କୃତିକୁ କେବଳ ଓଡ଼ିଶାର ସଂସ୍କୃତି, ହିନ୍ଦୁ ସଂସ୍କୃତି ବୋଲି ଦିଆଯାଇଥିବା ମତ, ମନ୍ତବ୍ୟ ଓ ବକ୍ତବ୍ୟକୁ ଡକ୍ଟର ପାଢ଼ୀ ତୀବ୍ର ସମାଲୋଚନା କରିଛନ୍ତି । ସଂକ୍ଷେପରେ ସେ ବିଭିନ୍ନ ତାତ୍ତ୍ୱିକ ତଥା ତଥ୍ୟଗତ ଯୁକ୍ତି ଉପସ୍ଥାପନ କରି କହିଛନ୍ତି, ହିମାଳୟର ଅଜ୍ଞାନ ଗିରିଗୁହା ମଧ୍ୟରୁ ଗଙ୍ଗୋତ୍ରୀ ତୁଲ୍ୟ କେଉଁ ଆନାଦି ଯୁଗର ଆଦିମ ସଭ୍ୟତାର ସଙ୍କେତ ବୃକ୍ଷ ବା ଦାରୁ ଦେବତା ଇତର ସଂସ୍କୃତିର ସମନ୍ୱୟରେ କ୍ରମ ପିରପୁଷ୍ଟ ହୋଇ ବର୍ତ୍ତମାନର ଦାରୁବ୍ରହ୍ମ ରୂପେ ପୂଜା ପାଇ ଆସୁଛନ୍ତି । ତା'ହେଲେ କାହାର ଅଧିକାର ଅଛି କହି ଦେବ - ଜଗନ୍ନାଥ କେବଳ ଆମର ବା ତୁମର କିମ୍ବା ତାଙ୍କର ? ଅଧ୍ୟାପକ (ଡକ୍ଟର) ରମେଶ ପାଣିଗ୍ରାହୀଙ୍କର ଯୁଗାନ୍ତକାରୀ ନାଟକ 'ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ' ମଧ୍ୟ ଏଇ ସଂକ୍ରାନ୍ତରେ ମନେ ପଡୁଛି । ନାଟ୍ୟକାରଙ୍କ ଇଙ୍ଗିତକୁ ଦେଖିବାର କଥା । କାହାର ଏ ଜଗନ୍ନାଥ ଏବଂ କାହାର ?

Digitized by srujanika@gmail.com

ଆମେ ଜଗନ୍ନାଥଙ୍କୁ 'ଜଗତର ନାଥ' ବୋଲି କହିବୁ । ସବୁ ଧର୍ମର ସମନ୍ୱୟ ଘଟିଛି ବୋଲି ମଧ କହୁଛୁ, ସମଗ୍ର ମଣିଷ ଜାତିର ବୋଲି ବାହାସ୍ଫୋଟ ମାରୁଛୁ, ତେବେ ଏଠି ଆମ ଭିତରେ ଏତେ ବ୍ୟବଧାନ କାହିଁକି ? ଆମେ କାହିଁକି ଅନ୍ୟଙ୍କୁ ଅଲଗା କରି ଦେଖିବା ? ଏ ଚିନ୍ତା ମଧ ଆମ ସଂସ୍କୃତିରୁ ଉଦ୍ଭବ କି ? ଭାରତର କେଉଁ ମନ୍ଦିର ବା ଧର୍ମସ୍ଥାନରେ ଏ ବାଛ ବିଚାର ଅଛି ?

ଜଗନ୍ନାଥଙ୍କୁ 'ଜଗତର ନାଥ' କରିବାକୁ ହେଲେ ଶ୍ରୀମନ୍ଦିରର ସିଂହଦ୍ୱାରକୁ ସମସ୍ତଙ୍କ ପାଇଁ ଏବଂ ସବୁଦିନ ପାଇଁ ଉନ୍ମୁକ୍ତ କରି ଦେବାକୁ ହେବ । ସମଗ୍ର ମଣିଷ ସମାଜ ପାଇଁ ଖୋଲା ରଖିବାକୁ ହେବ । ଏବେ ବେଳ ଆସିଛି । ଆଜିର ବୁଦ୍ଧିଜୀବୀ, ପଣ୍ଡିତ ଓ ରାଷ୍ଟ୍ର ନେତାମାନେ ଯେଉଁମାନେ ପ୍ରକୃତରେ ଓଡ଼ିଶାକୁ ଓ ତାର ଜଗନ୍ନାଥଙ୍କୁ ଭଲ ପାଆନ୍ତି ସେମାନେ କଥାଟାକୁ ଏଇ ଦୃଷ୍ଟିରେ ନୂଆ କରି ଚିନ୍ତା କରନ୍ତୁ । ଏଥିପାଇଁ ଏକ ଜାତୀୟ ବିତର୍କ ସୃଷ୍ଟି ହେଉ ।

ଏଲ୍-୪୫, ଛେଣ୍ଡ କଲୋନୀ
ରାଉରକେଲା - ୭୬୯୦୧୫

(ସମାଜ, ୧୮/୧୨/୧୯୯୮)

Digitized by srujanika@gmail.com

ମନଗଢ଼ା ନୁହେଁ

ଭୂପେନ୍ ମହାପାତ୍ର

ମହାଶୟ, ଏହି ସ୍ତମ୍ଭରେ ପ୍ରକାଶିତ ମୋର ଚିଠିର (୧୦.୮.୨୦୦୦) ଉତ୍ତରରେ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ଯେଉଁ ଚିଠି ଗତ ୧୯ ଅଗଷ୍ଟରେ ପ୍ରକାଶ ପାଇଛି, ମୁଁ ତାକୁ ପଢ଼ିଛି । ଶ୍ରୀ ପଟ୍ଟନାୟକ ସେଥିରେ ଲେଖିଛନ୍ତି ଯେ ମୁଁ ଏଇ ମନଗଢ଼ା କାହାଣୀ ସୃଷ୍ଟି କରି ମୋର ପ୍ରବନ୍ଧ (ସମାଜ ଜୁଲାଇ ୩୦) ସହିତ ସମ୍ପର୍କ ନଥିବା ଏକ ବିବାଦୀୟ ପ୍ରସଙ୍ଗ ଉଠାଇଛି । ସେ ଆହୁରି ଲେଖିଛନ୍ତି, "ଏହିପରି ଏକ ଘଟଣା ସେ କେଉଁଠୁ ପଢ଼ିଛନ୍ତି, ଶୁଣିଛନ୍ତି ବା ମନରୁ ଗଢ଼ିଛନ୍ତି ? ପତ୍ରର ଶେଷ ଆଡ଼କୁ ସେ କଥା ମଧ ଲେଖିଛନ୍ତି, "ମହାମାନ୍ୟ ଦଲାଇଲାମା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାପାଇଁ ସେ ସାକ୍ଷାତବେଳେ ବା ଅନ୍ୟ କେତେବେଳେ ମୋତେ ଅନୁରୋଧ କରି ନାହାନ୍ତି ।" ଇତ୍ୟାଦି । ମହାମାନ୍ୟ ଦଲାଇଲାମାଙ୍କ ଓଡ଼ିଶା ଗସ୍ତ ଏକ ସାଧାରଣ ଘଟଣା ନୁହେଁ । ତେଣୁ ଏହା ସେତେବେଳେ ସମଗ୍ର ଓଡ଼ିଶାର ଖବର କାଗଜରେ ଫଟୋଚିତ୍ର ସହ ପ୍ରକାଶ ପାଇଥିଲା । ଦଲାଇଲାମା ଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ନଥିବାରୁ ଘଟଣା ପ୍ରାୟ ସବୁ ସମ୍ବାଦପତ୍ର ଲେଖିଥିଲେ । ଏ ଘଟଣା ସେତେବେଳେ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଥିଲା । ମୋ ପରି ଜଣେ ସାଧାରଣ ଲୋକ ଏ ଘଟଣାରେ ଯଥେଷ୍ଟ ଯନ୍ତ୍ରଣା ଅନୁଭବ କରିଥିଲେ ।

ଏସବୁ ସମ୍ବାଦପତ୍ରର ରିପୋର୍ଟ ମୁଁ ପଢ଼ିଛି, ଶୁଣିଛି, ବନ୍ଧୁମାନଙ୍କ ସହିତ ଆଲୋଚନା କରିଛି ଏବଂ ତା'ପରେ ଏହି ସମାଜକୁ ଏକ ଦୀର୍ଘପତ୍ର ମଧ ଲେଖିଛି । ସେହି ପତ୍ର 'ଦଲାଇଲାମାଙ୍କ ଦୁଃଖ' ଶିରୋନାମାରେ ୧୮, ଡିସେମ୍ବର ୧୯୯୮ ରେ ପ୍ରକାଶ ପାଇଛି । ସେଥିରେ ମୁଁ ଏ କଥା ଲେଖିଥିଲି ଯେ 'ମହାମାନ୍ୟ ଦଲାଇଲାମା ଜଗନ୍ନାଥ ଦର୍ଶନର ଅନୁମତି ନପାଇ ଫେରି ଯାଇଛନ୍ତି । ଏଥିପାଇଁ କୁଆଡ଼େ ଖୋଦ ମୁଖ୍ୟମନ୍ତ୍ରୀ ମଧ ତାଙ୍କୁ ସାହାଯ୍ୟ କରି ପାରିଲେ ନାହିଁ । ଇଣ୍ଡିଆନ୍ ଏକ୍ସପ୍ରେସ୍ ଏ ସମ୍ବାଦଟିକୁ ଅତି

Digitized by srujanika@gmail.com

ଚମତ୍କାର ଭାବେ ବର୍ଣ୍ଣନା କରି ଲେଖିଛି । "ଈଶ୍ୱର ଈଶ୍ୱରଙ୍କୁ ଦେଖା କରିବାକୁ ଚାହିଁଲେ, ମଣିଷ ମନାକଲା ।" ମୁଁ ଏ ଚିଠିରେ ଜଗନ୍ନାଥ କିଏ, କାହାର ଓ କାହିଁକି ଇତ୍ୟାଦିର କେତେକ ଲେଖକଙ୍କର ମତକୁ ଉଦ୍ଧାର କରି ସାମାନ୍ୟ ତର୍ଜମା କରିଥିଲି ଏବଂ ତା ଉପରେ ଜାତୀୟ ବିତର୍କଟିଏ ହେଉ ବୋଲି ନିବେଦନ କରିଥିଲି ।

ମୋର ଏ ଚିଠିଟି ପ୍ରକାଶ ପାଇଲା ପରେ ମୋ ପାଖକୁ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଲେଖକ, ସମ୍ପାଦକ, ଆଇନ୍‌ଜୀବୀ, ସମାଜସେବୀ ଏବଂ ରାଜନେତା ମଧ୍ୟ ଚିଠି ଲେଖି ଏହି ସ୍ପର୍ଶକାତର ବିଷୟ ଉପରେ ସେମାନଙ୍କ ବିଜ୍ଞମତ ପ୍ରକାଶ କରିଥିଲେ । ସେ ସମୟର ଚିଠିଗୁଡ଼ିକ ଏବେ ମଧ୍ୟ ମୋର ଅମୂଲ୍ୟ ସମ୍ପଦ ହୋଇ ରହିଛି ।

ମୁଁ ଏଠି କଥାଟାକୁ ଆଉ ଟିକିଏ ପ୍ରାଞ୍ଜଳ କରିଦେବାକୁ ଚାହେଁ । ଏହି ଘଟଣା ଉପରେ କେବଳ ଡିସେମ୍ବର ୨,୧୯୯୮ ତାରିଖରେ ଇଣ୍ଡିଆନ୍ ଏକ୍ସପ୍ରେସ (ଭୁବନେଶ୍ୱର ସଂସ୍କରଣ, ୩ୟ ପୃଷ୍ଠା) ଯେଉଁ ସମ୍ବାଦ ପରିବେଷଣ କରିଛି ତାହା ଶ୍ରୀ ପଟ୍ଟନାୟକଙ୍କ ସନ୍ଦେହ ମୋଚନ ପାଇଁ ଯଥେଷ୍ଟ ହେବ ବୋଲି ମୁଁ ଭାବୁଛି । ବକ୍ସ ଭିତରେ ରିପୋର୍ଟର ଶିରୋନାମା ଥିଲା । "ଗଡ ୱାଣ୍ଟସ୍ ଟୁ ମିଟ୍ ଗଡ, ମ୍ୟାନ୍ ସେଜ୍ ନୋ।"

ଶ୍ରୀ ପଟ୍ଟନାୟକ ଏବେ ଏ କଥାକୁ ସତ୍ୟ ବୋଲି ଗ୍ରହଣ କରିବେ କି ନା ଆମେ ଜାଣୁନା । ତେବେ ସାଧାରଣଭାବେ ପ୍ରଶ୍ନ ଉଠେ, ଯଦି ଏହା ସତ୍ୟ ହୋଇ ନଥାଆନ୍ତା, ତେବେ ସେ କିମ୍ବା ତାଙ୍କ ଅଫିସ୍‌ରୁ ଏ ସମ୍ବାଦକୁ ଖଣ୍ଡନ କରାଯାଇ ଥାଆନ୍ତା । ମହାମାନ୍ୟ ଦଲାଇଲାମାଙ୍କ ଉକ୍ତିକୁ ଅସତ୍ୟ ବୋଲି ଗ୍ରହଣ କରି ହେଉନାହିଁ ।

ଏଲ୍-୪୫, ଛେଣ୍ଡ କଲୋନୀ
ରାଉରକେଲା - ୭୬୯୦୧୫

(ସମାଜ, ୯/୯/୨୦୦୦)

Digitized by srujanika@gmail.com

ମଣିଷର ମୂଲ୍ୟ

ଭୂପେନ୍ ମହାପାତ୍ର

ମହାଶୟ, ନନ୍ଦନକାନନରେ ଅଯତ୍ନ ଓ ଅତି ଅସହାୟ ଭାବରେ ମରିଥିବା ବାରଟି ବାଘଙ୍କ ବିଷୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ଦେଇଥିବା ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ମୁଖ୍ୟ ବିଚାରପତି ଏଥିପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, "ଯଦି ବାଘମାନଙ୍କର ମୃତ୍ୟୁ କର୍ତ୍ତୃପକ୍ଷଙ୍କର ଅବହେଳାରୁ ଘଟିଥାଏ ତେବେ ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ" । ଯେ କୌଣସି ପଶୁପ୍ରେମୀଙ୍କ ପକ୍ଷରେ ଏହା ଏକ ସାନ୍ତ୍ୱନାର ବାଣୀ ।

ବହୁମୂଲ୍ୟ ବାଘଙ୍କର ମୃତ୍ୟୁର ମାତ୍ର ୨ ଦିନ ପୂର୍ବରୁ କଟକ ମେଡିକାଲ କଲେଜ୍, ହସ୍ପିଟାଲ୍‌ରେ ତିନିଜଣ ଅସହାୟା ନାରୀ ଓ ତାଙ୍କର ଶିଶୁମାନେ ଚରମ ସରକାରୀ ଅବହେଳା ଯୋଗୁଁ ଅତି ଦୟନୀୟ ଅବସ୍ଥାରେ ପ୍ରାଣ ହରାଇଥିଲେ; କିନ୍ତୁ ଭାଗ୍ୟର କି ବିଡ଼ମ୍ବନା, ଏହି ଅସହାୟା ନାରୀଙ୍କ ପାଇଁ କେହି ଜଣେ ମଧ୍ୟ ସମବେଦନା ପ୍ରକାଶ କରି ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହେଲେ ନାହିଁ କି ମହାମାନ୍ୟ କୋର୍ଟ ନିଜ ତରଫରୁ ସରକାରଙ୍କୁ କୌଣସି ନିର୍ଦ୍ଦେଶ ଦେଲେ ନାହିଁ ।

ଲକ୍ଷ୍ୟ କରିବାର କଥା, ସରକାର ଏବେ ବାଘ ମୃତ୍ୟୁର ତଦନ୍ତ ପାଇ ଯେତିକି ତତ୍ପର ହୋଇଉଠୁଛନ୍ତି ତାର ଶହେ ଭାଗରୁ ଭାଗେ ତତ୍ପରତା ମଣିଷର ମୃତ୍ୟୁ ପାଇଁ ପ୍ରକାଶ ପାଇନାହିଁ । କେତେ ତୁଚ୍ଛ ଏ ମଣିଷଟି ସତେ । ଆଜି ସମୁଦ୍ର କୂଳରେ କଙ୍କଡ଼ା ଓ କଇଁଛର ପ୍ରସବ ବେଦନାକୁ ଲାଘବ କରିବା ପାଇଁ ସମଗ୍ର ପ୍ରଶାସନ ବ୍ୟସ୍ତ ଓ ବ୍ୟଗ୍ର ହୋଇ ଉଠୁଥିବାବେଳେ ମଣିଷର ପ୍ରସବ ବେଦନାକୁ ଗୋଡ଼ରେ

Digitized by srujanika@gmail.com

ଆଡ଼େଇ ଚାଲିଯାଉଛି । ଆମର ଜ୍ଞାନ, ବିଜ୍ଞାନ ଓ ଗବେଷଣା ନିମନ୍ତେ କଇଁଛର ପ୍ରସବ ପାଇଁ ବିନିଯୋଗ କରାଯାଇଥିଲାବେଳେ କେହି ଜଣେ ମଧ୍ୟ (ନାରୀ) ମଣିଷର ପ୍ରସବ ପାଇଁ ଚିନ୍ତା ମଧ୍ୟ କରୁନାହିଁ । ବରଂ ତାକୁ ଜାଣିଶୁଣି ଭୁଲ୍ ବା ଅପମିଶ୍ରିତ ଔଷଧ ଦେଇ ମାରି ଦିଆଯାଉଛି । ନିୟତି ତାର କାରଣ ?

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇସାରିଛି ବାଘଟିର ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କା । ଆଉ ମଣିଷଟିର ମୂଲ୍ୟ ? ପାଞ୍ଚଟଙ୍କା ମଧ୍ୟ ନୁହେଁ । ବୈଜ୍ଞାନିକମାନେ କହୁଛନ୍ତି - କଙ୍କଡ଼ା ଓ କଇଁଛ ଅତି ଦୁର୍ମୂଲ୍ୟ । ସେମାନେ ବଞ୍ଚିଲେ ମଣିଷ ବଞ୍ଚିବ । ତେଣୁ ପ୍ରଶାସନ କହୁଛି "ରେ ମଣିଷ ! ତୁ ବରଂ ଉପକୂଳରୁ ଉଦ୍‌ବାସ୍ତୁ ହେଇଯା; କିନ୍ତୁ କଙ୍କଡ଼ାକୁ ଜାଗା ଛାଡ଼ି ଦେ । ସେ ସୁଖରେ ଥାଉ ।"

ଆଧୁନିକ ଜଗତରେ ମଣିଷ ଆଜି ପଶୁର ଅନେକ ତଳକୁ ଖସି ଆସିଛି ।

ଏଲ୍-୪୫, ଛେଣ୍ଡ୍ କଲୋନୀ
ରାଉରକେଲା

(୧୯.୦୭.୨୦୦୦ ସମାଜରେ ପ୍ରକାଶିତ)

Digitized by srujanika@gmail.com

ରାମବିଳାସଙ୍କ 'ବିଳାସ'

ଭୂପେନ୍ ମହାପାତ୍ର

ମହାଶୟ, ଅନେକ ଦୃଷ୍ଟିରୁ 'ସମାଜ'ର ସମ୍ପାଦକୀୟ (୧୯.୦୭.୨୦୦୦) "ସରକାରଙ୍କ ଜନମନ ମୋହନକାରୀ ନୀତି" ଅତ୍ୟନ୍ତ ଉପଦେୟ । ବେଳେବେଳେ ସରକାରରେ ଏମିତି କିଛି ଲୋକ ପଶି ଯାଆନ୍ତି ଯେଉଁମାନେ ସରକାରୀ ଖଜଣାଖାନାକୁ ସେମାନଙ୍କ ନିଜ ଜମିଦାରୀ ବୋଲି ମନେ କରନ୍ତି । ସେମାନେ ପ୍ରଚଳିତ ନୀତି ନିୟମକୁ ପଦାଘାତ କରନ୍ତି ଏବଂ କେବଳ ନିଜର ସୁବିଧା ପାଇଁ ବିଶେଷ କରି ନିଜ ଚାରିପାଖରେ ଦଳେ ଚାଟୁକାର ସୃଷ୍ଟି କରିବା ପାଇଁ ସେ ଖଜଣାଖାନାକୁ ଖୋଲି ଦିଅନ୍ତି । କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ସେଇମାନଙ୍କ ଭିତରୁ ଜଣେ । ଜଣେ ଟେଲିଫୋନ୍‌ଟିଏ ଆବଶ୍ୟକ କରୁ ବା ନ କରୁ, ସେ ତାର ସଦୁପଯୋଗ କରୁ କି ନ କରୁ ଶସ୍ତା ଲୋକପ୍ରିୟତା ପାଇଁ ତାକୁ ମାଗଣାରେ ଟେଲିଫୋନ୍‌ଟିଏ ଦେଇ ଦିଆଯାଏ । ଏଥିରେ ଯଦି ସରକାରୀ ଖଜଣାଖାନା ଲୁଟ୍ ହୋଇଯାଏ ସେଥିରେ କାହାର କଅଣ ଯାଏ । ଭାରତ ପରି ଗୋଟିଏ ବିରାଟ ଗଣତନ୍ତ୍ର ଦେଶରେ ବର୍ଷକୁ ୧୨ଶହ କୋଟି ଟଙ୍କା ମନ୍ତ୍ରୀଙ୍କ ପାଇଁ କିଛି ନୁହେଁ ।

ଗୋଟିଏ କଥା ବୁଝି ହେଲା ନାହିଁ । ଯେଉଁ ପାଶ୍ୱାନ ଚାଉଳ, ତେଲ, ଗହମ, ଏବଂ ସର୍ବୋପରି କିରୋସିନି ପରି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଦୃଢ଼ ସମର୍ଥନ କଲେସେ ପୁଣି ମାଗଣାରେ ଟେଲିଫୋନ୍ ଦେଇଦେଲେ କିପରି ? ଟେଲିଫୋନ୍ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅପେକ୍ଷା ଫୁଟ୍‌ପାଥରେ ଦିନ କାଟୁଥିବା ଲୋକଟିର ସର୍ବନିମ୍ନ ଆବଶ୍ୟକତା କଥା ଚିନ୍ତା କରିବା କଅଣ

Digitized by srujanika@gmail.com

ମନ୍ତ୍ରୀମାନଙ୍କର କାମ ନୁହେଁ? ଦିନ ମଜୁରିଆ ଓ ଖଟିଖିଆଙ୍କ କଥା ତେବେ ବୁଝିବ କିଏ ? ପାଶ୍ୱାନଙ୍କ ଚରିତ୍ର ଅତି ବିଚିତ୍ର । ସେ ଯେତେବେଳେ ରେଳବାଇ ମନ୍ତ୍ରୀ ଥିଲେ ସେତେବେଳେ ରାଜଧାନୀ ଏବଂ ଶତାବ୍ଦୀ ଏକସ୍‌ପ୍ରେସ୍ ଭଳି ସୌଖିନ ତଥା ଆଭିଜାତ୍ୟପୂର୍ଣ୍ଣ ରେଳଗାଡ଼ିର ଶୀତତାପ ବଗିରେ (ଯେଉଁଠି ମାଗଣାରେ ସୁସ୍ୱାଦୁ ଖାଦ୍ୟ ଦିଆଯାଏ) ଯାତାୟତ ପାଇଁ ହଜାର ହଜାର ଫ୍ରି ପାଶ୍ ଇସ୍ୟୁକରି ଦେଇଥିଲେ । ଏଇସବୁ ପାଶ୍ ଖାସ୍ କରି ତାଙ୍କ ଅଞ୍ଚଳର ତଥା ତାଙ୍କ ଚାରିପାଖେ ଘେରି ରହିଥିବା ଲୋକମାନଙ୍କୁ ଦିଆଯାଇଥିଲା । ଏହାତ ଜଣାକଥା ଯେ ଜଣକୁ ଯଦି ମାଗଣାରେ କିଛି ଦିଆଯାଏ ସେ ତାର ବ୍ୟବହାର ଅପେକ୍ଷା ଅପବ୍ୟବହାର ବେଶି କରିବ । ତାହାହିଁ ହେଲା । ହଜାର ହଜାର ସଂଖ୍ୟାରେ ଫ୍ରି ପାଶ୍ ଚଉଠ କିମ୍ବା ଅଧାଦାମରେ ବିକ୍ରି ହେଲା ।

ରାମବିଲାସ୍‌ଙ୍କ ସ୍ୱପ୍ନ ବିଳାସ କିନ୍ତୁ ସେତିକିରେ ସୀମାବଦ୍ଧ ନଥିଲା । ସେ ରେଳବାଇ ମନ୍ତ୍ରଣାଳୟର ମହାର୍ଘ୍ୟ କେଣ୍ଟିନ୍‌ଟିକୁ ସେଇ ଚାଟୁକାରମାନଙ୍କ ପାଇଁ ୨୪ ଘଣ୍ଟା ଖୋଲା ରଖିଥିଲେ ।

ଟେଲିଫୋନ୍ କ୍ଷେତ୍ରରେ ମଧ୍ୟ ତାହାହିଁ ହେଉଛି । ପ୍ରଧାନମନ୍ତ୍ରୀ ଯେତେବେଳେ ପଚାରିଲେ ଆପଣ ମନ୍ତ୍ରିମଣ୍ଡଳର ବିନା ଅନୁମୋଦନରେ ଏପରି ଘୋଷଣା କଲେ କାହିଁକି ? ସେ କହିଲେ ଏହା ଏକ ରାଜନୈତିକ ଘୋଷଣା । ଏକ୍‌ଜିକ୍ୟୁଟିଭ୍ ଅର୍ଡର ଦେଇନାହିଁ । ପ୍ରଧାନମନ୍ତ୍ରୀ କହିଲେ ତେବେ ତାକୁ ପ୍ରତ୍ୟାହାର କରି ନିଅନ୍ତୁ । ସେ କହିଲେ ମୁଁ ଜଣେ ମନ୍ତ୍ରୀ, ମୋତେ ଆଉ ଲୋକେ ମାନିବେ ? ସେତେବେଳେ କେବଳ ଯୁକ୍ତିକୁ ସମର୍ଥନ କରିବା ପାଇଁ କୁହାଗଲା ଯେ ଆମେ ସେମାନଙ୍କ ବୋନସ୍‌କୁ ତିନି ପରସେଣ୍ଟ କମେଇ ଦେଉଛୁ ।

ଆମେ ସ୍ଥିର ନିଶ୍ଚିତ ଯେ ଫ୍ରି ରେଳବାଇ ପାଶ୍ ପରି ଏହି ମାଗଣା ଟେଲିଫୋନ୍‌ଗୁଡ଼ିକ ମଧ୍ୟ ଖୋଲା ବଜାରରେ ବିକ୍ରି ହେବାର ସମ୍ଭାବନା ଅଛି ଏବଂ ସେଥିରୁ ଅସାଧୁ ଲୋକମାନେ ବେଶ୍ ଦି' ପଇସା ରୋଜଗାର କରିବେ । ଏହାଦ୍ୱାରା ମନ୍ତ୍ରୀମାନେ ଯେ କେବଳ ଲୋକମାନଙ୍କୁ ଲାଞ୍ଚୁଆ କରିଦିଅନ୍ତି ତା

Digitized by srujanika@gmail.com

ନୁହେଁ ଅଧିକନ୍ତୁ ସେମାନେ ତାକୁ ନେଇ ଦୁର୍ନୀତିର ନୂଆ ଗନ୍ତାଘରଟିଏ ମଧ୍ୟ ଖୋଲିଦିଅନ୍ତି । ଦେଶର ଆଜି ଲକ୍ଷ ଲକ୍ଷ ଲୋକ ଟେଲିଫୋନ୍‌ଟିଏ ପାଂଇବାକୁ ଅର୍ଥ ଜମା ଦେବା ପରେ ମଧ୍ୟ ଅପେକ୍ଷା କରିଥିବା ବେଳେ ମନ୍ତ୍ରୀଙ୍କର ବେପରୁଆ ବିଳାସକୁ କୌଣସି ସଚେତନ ନାଗରିକ ସମର୍ଥନ କରିବ ନାହିଁ । କଅଣ ହେବ ଯଦି ଏହି ନ୍ୟାୟରେ ସୁନାଖଣି ଓ ହୀରାଖଣିର କର୍ମଚାରୀମାନେ ସୁନା ଓ ହୀରା ମାରନ୍ତି । ବ୍ୟାଙ୍କ ନୋଟ୍ ପ୍ରେସ ଓ ଟଙ୍କାଶାଳାର କର୍ମଚାରୀମାନେ ଟଙ୍କା ମାରନ୍ତି ଯାହାର ମୂଲ୍ୟ ମାଗଣା ଟେଲିଫୋନ୍ ସହିତ ସମାନ ? ଯାହା ଦେଖା ଯାଉଛି ଏଇ ନେତାମାନେ ହିଁ ଆସ୍ତେ ଆସ୍ତେ ଲୋକମାନଙ୍କୁ ଚରମ ଅସ୍ଥିରତାଆଡ଼କୁ ଠେଲି ଦେଉଛନ୍ତି । ତାର ପ୍ରତିକାର ଆବଶ୍ୟକ ।

(ସମାଜ, ୦୧/୦୭/୨୦୦୦)

Digitized by srujanika@gmail.com

ଭୁପେନ୍ ମହାପାତ୍ରଙ୍କ ପ୍ରକାଶିତ ପୁସ୍ତକ

ମୌଳିକ ଗଳ୍ପ :

୧.	ପୃଥିବୀ ଓ ପୃଥିବୀ :	ଓଡ଼ିଶା ବୁକ୍‌ଷ୍ଟୋର, କଟକ	୧୯୮୬
୨.	ଗୋଟିଏ ମେଷ୍ଟାପଲ :	ପାରିଜାତ ପ୍ରେସ, ରାଉରକେଲା	୧୯୯୧
୩.	ପ୍ରମିଳା :	ନିଜସ୍ୱ, ରାଉରକେଲା	୧୯୯୪
୪.	ଭାରତ ଭାଗ୍ୟ ବିଧାତା :	ସ୍ୱସ୍ତି ପ୍ରକାଶନୀ, ରାଉରକେଲା	୧୯୯୭
୫.	ଚନ୍ଦ୍ରସେଣାର ଚନ୍ଦ୍ରାଲୋକ :	ସ୍ୱସ୍ତି ପ୍ରକାଶନୀ, ରାଉରକେଲା	୨୦୦୦
୬.	ଖୋଳ :	ଓଡ଼ିଶା ଲେଖକ ସମବାୟ ସମିତି, ଭୁବନେଶ୍ୱର	୨୦୦୧
୭.	ଏବେ ବି ରେବତୀ ଓ ଅନ୍ୟାନ୍ୟ ଗଳ୍ପ :	ସୁବର୍ଣ୍ଣରେଖା, ଭୁବନେଶ୍ୱର	୨୦୦୨
୮.	ହାତୀର ହିଷ୍ଟ୍ରି :	ଆର୍ଯ୍ୟ ପ୍ରକାଶନ, କଟକ	୨୦୦୨
୯.	ସୂର୍ଯ୍ୟ ଉଠି ନାହିଁ :	ଆକାଂକ୍ଷା ପ୍ରକାଶନ, କଟକ	୨୦୦୩
୧୦.	ମୁଁ ଈଶ୍ୱରଙ୍କୁ ଖୋଜୁଛି :	ସ୍ୱସ୍ତିକ (ପଶ୍ଚିମା), ଭୁବନେଶ୍ୱର	୨୦୦୬
୧୧.	ହାତ ପାପୁଲିରେ ସୂର୍ଯ୍ୟୋଦୟ :	ଟାଇମ୍ ପାସ୍, ଭୁବନେଶ୍ୱର	୨୦୦୮
୧୨.	ମନର ମାନଚିତ୍ର (ପ୍ରେମ ଗଳ୍ପ ସଂକଳନ) :	ଏଥେନା ବୁକ୍‌ସ, ପାରଳାଖେମୁଣ୍ଡି	୨୦୧୦
୧୩.	ମୃଗୁଣୀର ମୃତ୍ୟୁ ଓ ଅନ୍ୟାନ୍ୟ :	ଅର୍ପିତା, ଭୁବନେଶ୍ୱର	୨୦୧୧
୧୪.	ନିର୍ବାଚିତ ଗଳ୍ପ :	ପବ୍ଲିଶିଙ୍ଗ ହାଉସ, ଭୁବନେଶ୍ୱର	୨୦୧୩
୧୫.	ଚର୍ଚ୍ଚିତ ବ୍ୟଙ୍ଗ ଗଳ୍ପ :	ଜ୍ଞାନଯୁଗ, ଭୁବନେଶ୍ୱର	୨୦୧୪
୧୬.	ରୂପ ପ୍ରତିରୂପ :	ତାର ତରଙ୍ଗ ପ୍ରକାଶନୀ, ଭୁବନେଶ୍ୱର	୨୦୧୪

Digitized by srujanika@gmail.com

୧୭. ଯୁଦ୍ଧ ସରିନାହିଁ ଓ ଅନ୍ୟାନ୍ୟ ଗଳ୍ପ :	ପାରିଜାତ ପବ୍ଲିକେଶନ୍ସ୍, ରାଉରକେଲା	୨୦୧୬
୧୮. ନିର୍ବାଚିତ ଗଳ୍ପ (୨ୟ ଭାଗ) :	ଜ୍ଞାନଯୁଗ, ଭୁବନେଶ୍ୱର	୨୦୧୭
୧୯. ଭୁପେନ୍ ମହାପାତ୍ରଙ୍କ ପଚାଶ କ୍ଷୁଦ୍ରଗଳ୍ପ :	ପବ୍ଲିସିଂ ହାଉସ, ଭୁବନେଶ୍ୱର	୨୦୧୮
୨୦. ମହାଭାରତ (ସଂକ୍ଷିପ୍ତ ସାର) :	ପଶ୍ଚିମା, ଭୁବନେଶ୍ୱର	୨୦୧୯

ଉପନ୍ୟାସ :

୧. ପ୍ରଥମ ପୃଥିବୀ :	:ଆଶା ପୁସ୍ତକାଳୟ, ବ୍ରହ୍ମପୁର	୧୯୯୮
୨. ପ୍ରଥମ ପୃଥିବୀ (୨ୟ ସଂସ୍କରଣ) :	ଆଶା ପୁସ୍ତକାଳୟ, ବ୍ରହ୍ମପୁର	୧୯୯୮
୩. ଭାଙ୍ଗିଯାଏ ଦୁର୍ଗ ଓ ଦେଉଳ :	ସହଯୋଗ ପତ୍ରିକା, କଟକ	୨୦୦୩
୪. ଫସିଲ୍ :	ପଶ୍ଚିମା, ଭୁବନେଶ୍ୱର	୨୦୦୭
୫. ଉତ୍ତରଣ : ପାର୍ବଣ :	ଅର୍ପିତା, ଭୁବନେଶ୍ୱର	୨୦୧୦
୬. ଗାନ୍ଧାରୀ (କେବଳ ପୋଲିସ୍ ଚରିତ୍ରକୁ ନେଇ) :	ପଶ୍ଚିମା, ଭୁବନେଶ୍ୱର	୨୦୦୯
୭. ତ୍ରିଧାରା (ଉପନ୍ୟାସତ୍ରୟୀ):	ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ, ରାଉରକେଲା	୨୦୧୭

ସମ୍ପାଦନା :

୧. ଲକ୍ଷ୍ମୀଧର ନାୟକ : ସାହିତ୍ୟ ଓ ସଂଗ୍ରାମ :	ନିଜସ୍ୱ ପ୍ରକାଶନ	୨୦୦୮
୨. ରଜନୀକାନ୍ତ ଦାସ : ଜୀବନ ଓ ଯୁଦ୍ଧ :	ରାଇଟର୍ସ ୱାର୍କସପ୍, ରାଉରକେଲା	୨୦୧୪

Digitized by srujanika@gmail.com

ଭ୍ରମଣ କାହାଣୀ :

୧.	ଉପତ୍ୟକାର ଉପକଥା (କେବଳ ଆସାମ) :	ବସନ୍ତ ପବ୍ଲିକେଶନ, କଟକ	୧୯୯୬
୨.	ଉପତ୍ୟକାର ଉପକଥା (୨ୟ ସଂସ୍କରଣ) :	ରାଇଟର୍ସ ୱାର୍କସପ୍, ରାଉରକେଲା	୨୦୦୭
୩.	ଅପୂର୍ବ ପୂର୍ବ :	ଓଡ଼ିଶା ବୁକ୍ ଷ୍ଟୋର, କଟକ	୧୯୯୯

ନିଜସ୍ୱ ଅନୁବାଦ :

୧.	ଚର୍ଚ୍ଚିତ ଚିଟାଉ : (ରବୀନ୍ଦ୍ରନାଥଙ୍କ ୧୦୭ ଚିଠିର ଓଡ଼ିଆ ଅନୁବାଦ)	ଅଗ୍ନି ଭୁବନେଶ୍ୱର	୨୦୦୧
୨.	ରାହୁଳ ସଂକୀର୍ତ୍ତାୟନଙ୍କ ଜୀବନୀ : (ମୂଳ ରଚନା - ପ୍ରଭାକର ମାଚୱେ)	ତୀରତରଙ୍ଗ, ଭୁବନେଶ୍ୱର	୨୦୦୯
୩.	ଈଶ୍ୱର ଯେବେ ପିଲା ଥିଲେ ଓ ଅନ୍ୟାନ୍ୟ (ଚର୍ଚ୍ଚିତ ଭାରତୀୟ ଗଳ୍ପର ଅନୁବାଦ) :	ପାରିଜାତ ପବ୍ଲିକେଶନସ୍, ରାଉରକେଲା	୨୦୧୬
୪.	ସ୍ୱାମୀ ଓ ବନ୍ଧୁମାନେ : (ମୂଳ ରଚନା - ଆର.କେ.ନାରାୟଣ)	ଲେଖାଲେଖି, ଭୁବନେଶ୍ୱର	୨୦୧୭

ଅନ୍ୟଦ୍ୱାରା ଅନୁବାଦ :

୧.	M. K. Gandhi and other stories :	ପ୍ରଫେସର ଅଶୋକ ମହାନ୍ତି, Authors Press, Delhi	୨୦୧୬
୨.	ଖୋଲ ତଥା ଅନ୍ୟ କାହାନୀୟା (ହିନ୍ଦୀ) : (ଅନୁବାଦ ଡଃ ବାସନ୍ତୀ ରଥ)	Authors Press, Delhi	୨୦୧୭

Digitized by srujanika@gmail.com

୩. ନିର୍ବାଚିତ ଓଡ଼ିଆ ଗଳ୍ପ
(ବଙ୍ଗଳା) : ସୁଦର୍ଶନ ପ୍ରକାଶନ, କୋଲକାତା ୨.୦୧୭
ଅନୁବାଦ - ଭାରତୀ ନନ୍ଦୀ

୪. ଲୁ ତଥା ଅନ୍ୟ
କାହାନୀୟା (ହିନ୍ଦୀ) : ନିର୍ମାଣ ପ୍ରକାଶନ, ଦିଲ୍ଲୀ ୨୦୦୧
ଅନୁବାଦ : ଡ: ବାସନ୍ତୀ ରଥ ଓ କୁମାର ହସନ

କବିତା :

୧. ମୁଠାଏ କବିତା : ନିଜସ୍ୱ, ରାଉରକେଲା ୨୦୧୪

ଆତ୍ମଲିପି :

୨. ଜିତିନି କି ହାରିନି : ଶିକ୍ଷା ସନ୍ଧାନ, ଭୁବନେଶ୍ୱର ୨୦୧୮

ପ୍ରବନ୍ଧ :

୧. ଜାତୀୟ ଭାବଧାରା ଓ
ଅନ୍ୟାନ୍ୟ (ସ୍ତମ୍ଭ) : ରାଇଟର୍ସ ୱାର୍କସପ୍, ରାଉରକେଲା ୨୦୦୨

୨. ସାହିତ୍ୟ, ସଂସ୍କୃତି ଓ
ଅନ୍ୟାନ୍ୟ (ସ୍ତମ୍ଭ) : ରାଇଟର୍ସ ୱାର୍କସପ୍, ରାଉରକେଲା ୨୦୦୪

୩. ଖୋଲି ଦିଅ ମନ୍ଦିରର
ଦ୍ୱାର (ସ୍ତମ୍ଭ) : ଏଥେନା ବୁକସ୍, ପାରଳାଖେମୁଣ୍ଡି ୨୦୧୦

୪. ଶତେକ ଘଟଣା
ଚରିତ୍ର (ସ୍ତମ୍ଭ) : ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ୨୦୧୬

୫. ପ୍ରଗତିଶୀଳ ସାହିତ୍ୟ :
ଭୂମି ଓ ଭୂମିକା : ପାରିଜାତ ପବ୍ଲିକେଶନସ୍, ରାଉରକେଲା ୨୦୧୫

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ଭୂପେନ୍ ମହାପାତ୍ର ଏକ ସୁପରିଚିତ ନାମ । କେବଳ ଗଳ୍ପ ନୁହେଁ, ଉପନ୍ୟାସ, ଭ୍ରମଣ କାହାଣୀ, ପ୍ରବନ୍ଧ, ରମ୍ୟ ରଚନା, କବିତା ଏବଂ ଅନୁବାଦରେ ତାଙ୍କ ସ୍ୱାକ୍ଷର ସ୍ପଷ୍ଟ । ବିଶ୍ୱ କବିଙ୍କ ୧୦୭ ବିରଳ ଚିଠି, ମହା ପଣ୍ଡିତ ରାହୁଲ ସଂକୀର୍ତ୍ତାୟନଙ୍କ ଜୀବନୀ ଆର. କେ. ନାରାୟଣଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ସ୍ୱାମୀ ଏଣ୍ଡ୍ ଫ୍ରେଣ୍ଡସ୍'ର ଅନୁବାଦ ସହିତ ଭାରତୀୟ ସାହିତ୍ୟରୁ କେତୋଟି ଚର୍ଚ୍ଚିତ ଗଳ୍ପକୁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । ସେମିତି ତାଙ୍କର କେତେକ ଗଳ୍ପ ମଧ୍ୟ ଇଂରାଜୀ ସମେତ ଅନ୍ୟାନ୍ୟ ଭାରତୀୟ ଭାଷାକୁ ସସମ୍ମାନେ ପବେଶ କରିଛି । ଗଳ୍ପ 'ଏମ. କେ. ଗାନ୍ଧୀ' ଇଂରାଜୀରେ ଅନୁବାଦ ହେଲା ପରେ ମହାରାଷ୍ଟ୍ରର ଜଲଗାଁଓ ବିଶ୍ୱ- ବିଦ୍ୟାଳୟର ବି.ଏ. ପାଠ୍ୟକ୍ରମରେ ସ୍ଥାନିତ ।

ଲେଖକ ମଧ୍ୟ ଜଣେ ସୁପରିଚିତ ସ୍ତମ୍ଭକାର । ସମାଜ, ସମ୍ବାଦ, ସମୟ ଓ ଅନୁପମ ଭାରତ ପ୍ରଭୃତି ବହୁ ସ୍ତମ୍ଭରେ ସେ ଲେଖିଛନ୍ତି/ ଲେଖୁଛନ୍ତି ।

Digitized by srujanika@gmail.com